ଧରିତ୍ରୀ
DHARITRI
February 13-19, 2022 ₹ 2/-


ଛୁଟିଦିନ



# ପ୍ରେମ
## ପାଇଁ ସବୁକିଛି

୩
ପ୍ରଚ୍ଛଦ ପ୍ରସଙ୍ଗ

ପ୍ରେମ ଶାଶ୍ୱତ, ପ୍ରେମ ସୁନ୍ଦର। ଏହା କାହାକୁ କେଉଁଠି କେତେବେଳେ ବି ହୋଇପାରେ। କିନ୍ତୁ ସଚ୍ଚା ପ୍ରେମ ସମସ୍ତଙ୍କ କପାଳରେ ନ ଥାଏ, ଏହା କେବଳ ଭାଗ୍ୟବାନ ଲୋକଙ୍କୁ ହିଁ ମିଳିଥାଏ। କାରଣ ସଚ୍ଚା ପ୍ରେମରେ ପଡିଥିବା ଲୋକ ନିଜ ଭଲପାଇବା ପାଇଁ ଏମିତି କିଛି କରିଯାନ୍ତି, ଯାହା କାଳକାଳକୁ ଉଦାହରଣ ହୋଇ ରହିଯାଏ...



# ଘରର ଶିଡ଼ି କେଉଁଠି କରିବେ

**ଘରେ ବାସ୍ତୁଦୋଷ ରହିଲେ ଐଶ୍ୱର୍ଯ୍ୟ ହାନି ହେବା ସହ ଅଭାବ ଅନଟନ ଦେଖାଦେଇଥାଏ। ଏହି ତାଲିକାରେ ଘରର ଶିଡ଼ି ମଧ୍ୟ ଆସେ। ଯଦି ଘରର ଶିଡ଼ି ବାସ୍ତୁ ଅନୁଯାୟୀ ଠିକ୍ ଜାଗାରେ ତିଆରି ହୋଇ ନଥାଏ ତା'ହେଲେ କି କି ସମସ୍ୟା ଦେଖାଦିଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



➤ଘରର ଶିଡ଼ିକୁ ସର୍ବଦା ଦକ୍ଷିଣ କିମ୍ବା ପଶ୍ଚିମ ଅଥବା ନୈଋତ୍ୟ କୋଣ (ଦକ୍ଷିଣ- ପଶ୍ଚିମ)ରେ ନିର୍ମାଣ କରିବା ଆବଶ୍ୟକ; ଯଦ୍ୱାରା ଘର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ।

➤ଘରର ଉତ୍ତର-ପୂର୍ବ ତଥା ଐଶାନ୍ୟ କୋଣରେ ଶିଡ଼ି ତିଆରି କରିବା ଉଚିତ ନୁହେଁ। ଏହାଦ୍ୱାରା ଘରେ ବାସ୍ତୁଦୋଷ ଉପୁଜିବା ସହ ଆର୍ଥିକ ଦୁରବସ୍ଥା, ଚାକିରି ଅବା ବ୍ୟବସାୟ କ୍ଷେତ୍ରରେ କ୍ଷତି ସହିବାକୁ ପଡ଼ିଥାଏ।

➤ଯଦି ଭୁଲ୍‌ରେ ଆପଣଙ୍କ ଘରର ଶିଡ଼ି ଉତ୍ତର-ପୂର୍ବ ଦିଗରେ ତିଆରି ହୋଇଯାଇଛି, ତା'ହେଲେ ପିରାମିଡ୍ ଦ୍ୱାରା ଏହି ବାସ୍ତୁଦୋଷକୁ ଦୂର କରିହେବ। କିନ୍ତୁ ଏହା ପୂର୍ବରୁ ବାସ୍ତୁ ବିଶେଷଜ୍ଞଙ୍କଠାରୁ ଏନେଇ କିଛିଟା ଟିପ୍ସ ବୁଝିନେବା ଜରୁରୀ।

➤ଶିଡ଼ି ତିଆରି କରିବା ସମୟରେ ପାହାଚର ସଂଖ୍ୟା ଅଯୁଗ୍ମ ଅର୍ଥାତ୍ ୫, ୭, ୯, ୧୧ ଇତ୍ୟାଦି ରହିଲେ ଶୁଭଫଳ ମିଳିଥାଏ।

➤ସେହିପରି ଶିଡ଼ିର ପ୍ରତି ପାହାଚ ମଧ୍ୟରେ ଅନ୍ତତଃ ୯ ଇଞ୍ଚର ଅନ୍ତର ରହୁଥିବ, ଏହା ବାସ୍ତୁ ଅନୁସାରେ ଶୁଭ ବୋଲି କୁହାଯାଇଥାଏ।

➤ଶିଡ଼ିର ବୁଲାଣି ବା ମୋଡ଼ ଦକ୍ଷିଣାବର୍ତ୍ତୀ ଅର୍ଥାତ୍ ବାମରୁ ଡାହାଣ ଆଡ଼କୁ ହୋଇଥିଲେ ଶୁଭ ହୋଇଥାଏ।

➤ଶିଡ଼ି ତଳକୁ ସଫାସୁତୁରା ଓ ଖୋଲା ରଖିବା ଦରକାର। ଏହାତଳେ ଠାକୁରଘର, ଷ୍ଟୋର୍ ଘର, ରୋଷେଇଘର, ବାଥ୍‌ରୁମ୍ ଆଦୌ କରିବେ ନାହିଁ; ଏହାର କୁପ୍ରଭାବ ଘରର ସୁଖଶାନ୍ତି ଉପରେ ପଡିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୧୩-୧୯

**ମେଷ**
ସୁସ୍ଥ ମାନସିକତା, ଆର୍ଥିକ ଅଭିବୃଦ୍ଧି, ପ୍ରିୟଜନଙ୍କ ସୌଜନ୍ୟତା, ଋଣ ପରିଶୋଧର ଚିନ୍ତା, ସନ୍ତାନଙ୍କ ଗୌରବ, ଲେଖାପଢାରେ ଅଗ୍ରଗତି, ଯାତ୍ରା ସ୍ଥଗିତ ରହିଯିବ, ଅସାବଧାନତାରୁ ଅର୍ଥହାନୀ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**ବୃଷ**
ବିବାଦୀୟ ପରିସ୍ଥିତି, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, ଆର୍ଥିକ ପ୍ରଗତିରୁ ଆନନ୍ଦ, ନୂତନ ଗୃହାରମ୍ଭ, ଜମିଜମା କିଣାବିକା, ପିଲାମାନଙ୍କ ଉନ୍ନତି, ନୂତନ ସ୍ଥାନ ପରିଭ୍ରମଣ, ଯାନ୍ତ୍ରିକ ଶିଳ୍ପରେ ଲାଭବାନ ॥

**ମିଥୁନ**
କର୍ମ ଜଞ୍ଜାଳବୃଦ୍ଧି, ପ୍ରତିକୂଳ ପରିସ୍ଥିତି, ଆର୍ଥିକ ଦୂରବସ୍ଥା, ସଭାସମିତିକୁ ଆହ୍ୱାନ, ଧାର୍ମିକ କାର୍ଯ୍ୟାରମ୍ଭ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ ବିଶୃଙ୍ଖଳା, କଚେରୀ ମାମଲାରୁ ଦୁଃଶ୍ଚିନ୍ତା, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ॥

**କର୍କଟ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଅର୍ଥ ସାହାଯ୍ୟ ପାଇବେ, ନୂତନ କର୍ମାରମ୍ଭ, ବନ୍ଧୁଙ୍କ ଶତ୍ରୁତା, ନିର୍ମାଣର ଅଗ୍ରଗତି, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ପାରିବାରିକ ଶାନ୍ତି, ସହକର୍ମୀଙ୍କ କ୍ରୋଧ, ସାମାଜିକ ସମ୍ମାନ, ରାଜନୈତିକ ଆଲୋଚନା ॥

**ସିଂହ**
ପାରିବାରିକ ବ୍ୟତିକ୍ରମ, ନିର୍ଣ୍ଣାୟକ ଭୂମିକା ନେବେ, ସ୍ୱାସ୍ଥ୍ୟ ସମସ୍ୟାରୁ ଚିନ୍ତା, ଭୁଲ୍ ବୁଝାମଣାରୁ କଳହ, ପ୍ରିୟବନ୍ଧୁଙ୍କ କଟୁକ୍ତି, ନୂତନ ଯୋଜନାରମ୍ଭ, ସମସ୍ୟାର ସମାଧାନ। ନୂତନବନ୍ଧୁ ସମ୍ପର୍କ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ମାଲିମକଦ୍ଦମାର ଫଇସଲା ॥

**କନ୍ୟା**
କାର୍ଯ୍ୟ ସାଧନରେ ବିଳମ୍ବ, ବିବାଦରେ ଜୟଯୁକ୍ତ ହେବେ, ପ୍ରତିଦ୍ୱନ୍ଦ୍ୱୀ ଓହରିବେ, ସମସ୍ୟା ସମାଧାନ ହେବ, ମାନସିକ ଆଶ୍ୱସ୍ତି, ଆଶାନୁରୂପ ସୁଫଳ, ଶାରୀରିକ ସୁସ୍ଥତା, ସଙ୍ଗୀତ ସାଧନାରେ ରୁଚି, ଯାନ୍ତ୍ରିକ ଜିନିଷ କିଣିବେ।

**ତୁଳା**
ଆରୋଗ୍ୟ ଲାଭ, ମାନସିକ ଶାନ୍ତି, ପ୍ରଶାସନିକ ସଫଳତା, ସେବାକାର୍ଯ୍ୟରୁ ସମ୍ମାନ, ଆଇନ ସହାୟତାପ୍ରାପ୍ତି, ସଂଗଠନ ଦୃଢୀକରଣ, ପ୍ରକାଶନରେ ବ୍ୟତିକ୍ରମ, ଏଜେନ୍ସିପ୍ ବଢିବ, ନିର୍ମାଣ କ୍ଷେତ୍ରରେ ସଫଳତା, ଜମିଜମା ରେଜିଷ୍ଟ୍ରେସନ୍ ॥

**ବିଛା**
ଅଭାବ ଅନୁଭବ, ଅତୀତ ସମସ୍ୟାର ଚିନ୍ତା, ପାରିବାରିକ ଜୀବନରେ ଅଶାନ୍ତି, ଅସମର୍ଥିତ ଖବର, ଶେୟାର ବଜାରରେ ଉନ୍ନତି, ନିର୍ମାଣରେ ସମସ୍ୟା, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା, ମକଦ୍ଦମା କ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ॥

**ଧନୁ**
ସୁନ୍ଦର ଜୀବନଚର୍ଯ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ, ବୁଝାମଣାରେ ଅଗ୍ରଗତି, ପାରିବାରିକ ସଦ୍‌ଭାବ, ଅଶାନ୍ତ ବାତାବରଣ ଦୂରେଇବ, ସୁସମ୍ପର୍କ ବ୍ୟାହତ ହୋଇପାରେ, ବ୍ୟବସାୟିକ ଉନ୍ନତି,କଳା ସାହିତ୍ୟରେ ସୁନାମ ॥

**ମକର**
ବନ୍ଧୁଙ୍କ ବଦାନ୍ୟତା, ସହକର୍ମୀଙ୍କ ସାହାଯ୍ୟ, ସ୍ଥଗିତ କର୍ମାରମ୍ଭ, ସମସ୍ୟାର ସମାଧାନ। ପରିସ୍ଥିତିକୁ ସଜାଡିବେ, ଆତ୍ମୀୟଙ୍କ ସହଯୋଗ, ଉପରିସ୍ଥଙ୍କ ତାଗିଦା, ଭ୍ରମଣ ସୁଯୋଗ ପାଇବେ, ସଭାସମିତିରେ ଯୋଗଦାନ।

**କୁମ୍ଭ**
ପ୍ରତିବନ୍ଧକ ଦୂରେଇବ, କାର୍ଯ୍ୟସିଦ୍ଧିର ସୂଚନା, କଚେରୀ ମାମଲାରେ ବାଇଦା, ପ୍ରତିଯୋଗୀତାରେ ସଫଳତା, ଆର୍ଥିକ ଉନ୍ନତିରୁ ଆନନ୍ଦ, ଜମିଜମା କିଣାବିକା, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ॥

**ମୀନ**
ପ୍ରତିକୂଳତା ଦୂର ହେବ, ନୂତନ ଯୋଜନାରମ୍ଭ, ଅଂଶୀଦାରଙ୍କ ସହଯୋଗ, ପବ୍ଲିକେଶନରେ ବିଳମ୍ବ, ଶେୟାର ବଜାରରେ ଉନ୍ନତି, ଶିକ୍ଷାରେ ଅଗ୍ରଗତି, ସନ୍ତାନ ହେତୁକ ଗୌରବ, ବିଦେଶ ଯାତ୍ରାର ସୁଯୋଗ, ଋଣଭାର ବୃଦ୍ଧି, ସାମାଜିକ ସ୍ତରରେ ସମ୍ମାନ ॥

# ଉପକାରୀ କାକୁଡ଼ି

**କା**କୁଡ଼ିକୁ ଅନେକେ ସାଲାଡ୍ କରି ଖାଇବାକୁ ପସନ୍ଦ କରିଥାନ୍ତି। କାରଣ ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ ଖାଦ୍ୟକୁ ହଜମ କରାଇବାରେ ବିଶେଷ ସହାୟକ ହୋଇଥାଏ। ତେବେ କାକୁଡ଼ିକୁ ଯେ କେବଳ ସାଲାଡ୍ କରି ଖାଇହେବ ତାହା ନୁହେଁ, ଏହାକୁ ଗ୍ରାଇଣ୍ଡିଂ କରି ଏହାର ଜୁସ୍‌କୁ ମଧ୍ୟ ପିଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। କୁହାଯାଏ ନିୟମିତ ବ୍ୟବଧାନରେ କାକୁଡ଼ି ଜୁସ୍ ପିଇଲେ ମନ, ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ଭଲ ରହିଥାଏ। ସେହିପରି ଓଜନ କମାଇବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ଚାହିଁଲେ ନିଜ ଡାଏଟ୍ ଚାର୍ଟରେ କାକୁଡ଼ି ଜୁସ୍‌କୁ ସାମିଲ କରିପାରିବେ। କାରଣ ଏହା ଶୀଘ୍ର ଓଜନ କମାଇବାରେ ବେଶ୍ ସହାୟକ ହୋଇଥାଏ। ଅନ୍ୟପକ୍ଷେ ଏହି ଜୁସ୍‌ରେ ପ୍ରଚୁର ମାତ୍ରାରେ ଭିଟାମିନ୍ ବି, ପୋଟାସିୟମ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହୁଥିବାରୁ ଚେହେରାକୁ ଉଜ୍ଜ୍ୱଳତା ପ୍ରଦାନ କରିବା ସହ ଶରୀରକୁ ହାଇଡ୍ରେଟ୍ ରଖିବାରେ ବି ଏହା ବେଶ୍



ସାହାଯ୍ୟ କରିଥାଏ। ସେହିପରି କ୍ୟାନ୍‌ସର୍ ସହ ଲଢ଼ିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ଶରୀରର ଅସ୍ଥିଗୁଡ଼ିକୁ ମଜଭୁତ୍ କରିବା, ପାଚନ କ୍ରିୟାକୁ ସକ୍ରିୟ କରିବା ତଥା ମୁଖର ଦୁର୍ଗନ୍ଧକୁ ଦୂର କରିବାରେ ବି କାକୁଡ଼ି ଜୁସ୍ ବହୁତ ଉପକାରୀ ହୋଇଥାଏ।

# ପାଠକୀୟ

✲ସମାଜରେ ସେମାନେ ପରିଚିତ ବାମନଭାବେ। ଭିନ୍ନ ଦୃଷ୍ଟିର ଚାହାଣି ସହ ଅନେକ ସମୟରେ ତାଚ୍ଛଲ୍ୟଭରା ହସ ସତେ ଯେମିତି ତାଙ୍କ ଜୀବନର ଏକ ଅଂଶ। ହେଲେ ଏସବୁକୁ ଆଡ଼େଇ ସେମାନେ ଆଗକୁ ବଢିଛନ୍ତି। ନିଜ ଜୀବନର ନିୟମ ନିଜେ ଗଢିଛନ୍ତି, ନିଜ ହିସାବରେ ଜିଇଛନ୍ତି। ଆଉ ପ୍ରମାଣ କରିଛନ୍ତି ଯେ, ଆକାରରେ ଛୋଟ ହେଲେ ବି କାମରେ ସେମାନେ ବଡ଼, କାହାଠାରୁ କମ୍ ନୁହନ୍ତି। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନିଜ ଦୁନିଆର ରାଜା'ଟି ମୋ ମନକୁ ବେଶ୍ ଛୁଇଁଗଲା। 'ସୁଖି ଦାମ୍ପତ୍ୟ ପାଇଁ ବାସ୍ତୁ' ଏବଂ 'ହଳଦୀ ମିଶା କ୍ଷୀରର ଉପକାରିତା' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା। *–ଦୈତାରୀ ମିଶ୍ର, ଚନ୍ଦନପୁର, ପୁରୀ*

✲ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ନିଜ ଦୁନିଆର ରାଜା' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଡେନିମ୍ ଫୁଟ୍‌ୱେର୍' ସମ୍ପର୍କରେ ବି ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଶୀ ଓ ହିନ୍ଦୁସ୍ତାନୀ ସଙ୍ଗୀତରେ ପାରଙ୍ଗମ ଶ୍ୟାମାମଣି ଦେବୀଙ୍କ ଜୀବନି ସମ୍ପର୍କରେ ଅନେକ ଲୁକ୍କାୟିତ କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଶୀତ: ଦୁଇଟି ସ୍କେଚ୍' ନାମକ ଗପଟି ବି ମୋ ମନକୁ ବେଶ୍ ଛୁଇଁଗଲା। *–ବନମାଳୀ ବେହେରା, ସୁନ୍ଦରଗଡ଼*

✲ସିନେମା ପୃଷ୍ଠାରେ ସ୍ଥାନିତ 'ଝୁରୁଛନ୍ତି ଜାହ୍ନବୀ', 'ଭାଗ୍ୟବତୀ ରିଚା', 'ପତ୍ନୀ ହେବ ତ ଏମିତି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। କବି, ନାଟ୍ୟକାର, ପ୍ରାବନ୍ଧିକ ନିର୍ମଳ ଚନ୍ଦ୍ର ଶୂରଦେଓଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ମଧ୍ୟ ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ୍ ଅନ୍ତର୍ଗତ ବଡ଼କୋଦଣ୍ଡା ଗ୍ରାମର ରାସ୍ତାରେ ପ୍ରଦର୍ଶିତ ହେଉଥିବା ଭିନ୍ନ କଳାକୃତି ସମ୍ପର୍କରେ ମଧ୍ୟ ଏଥରର ଛୁଟିଦିନରୁ ପଢି ଅନେକ ଅଜଣା କଥା ଜାଣିହେଲା। *–ରାକେଶ ବଳବନ୍ତରାୟ, ଝାରସୁଗୁଡ଼ା*

✲ମଡେଲ୍ ମିରର୍‌ରେ ସୁପ୍ରିୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଶାନ୍ତିପୂର୍ଣ୍ଣ ଶୈଳନିବାସ କାନାତାଲ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଅସରପା ଉପରେ ପେଣ୍ଟିଂ' ନାମକ ପାଠଟିର ସମସ୍ତ ଫଟୋଗୁଡ଼ିକ ଖୁବ୍ ଆକର୍ଷଣୀୟ ଲାଗୁଥିଲା ଦେଖିବାକୁ। *–ସୁଚରିତା ପାତ୍ର, ବାଦାମବାଡ଼ି, କଟକ*

✲ଏଥରର ଚିନ୍ମୟ ଚିନ୍ତନ 'କୁଶ ବାବାଜିଙ୍କ କୁଶଳ କଥା' ନାମକ ପାଠଟି ମୋ ମନକୁ ବେଶ୍ ଛୁଇଁଗଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସୌନ୍ଦର୍ଯ୍ୟ ପାଇଁ', 'ହେୟାର୍ ବଲ୍', ଏବଂ 'ମଣିଷଠୁ ବଡ଼ ଟେବୁଲ ଟେନିସ୍ ବ୍ୟାଟ୍' ଆଦି ପାଠଗୁଡ଼ିକ ବି ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଥିଲା ପଢିବାକୁ। *–ପ୍ରିୟଙ୍କା ସ୍ୱାଇଁ, ବଲାଙ୍ଗୀର*

## ବିଶେଷ ଚିଠି



**ଆ**ହେ ମୋ ପ୍ରିୟ ଛୁଟିଦିନ
ରବିବାରେ ହୁଏ ତୁମ ଆଗମନ।
ପ୍ରଚ୍ଛଦ ତୁମର କରେ କିମିଆ
ସାଥୀ ଜଳାଏ ମନରେ ନିଆଁ।
ପୁଣି ନିଆରା ତୁମ ସହର
ବୁଲାଏ ଆମକୁ କେତେ ନୂଆ ନଗର।
ବିବିଧା, ବ୍ୟାକ୍‌ପେଜ୍ ବି ଲାଗେ ବଢିଆ
ସିନେମା ଖୋଲିଦିଏ ସେଲିବ୍ରିଟିଙ୍କ ଦୁନିଆ।
ସତରେ ଛୁଟିଦିନ ତୁମର ଯବାବ୍ ନାହିଁ
ସଦୟ ହୋଇଥାନ୍ତୁ ତୁମକୁ ମହାମାୟୀ।

*–ଅଭିନାଶ ମହାନ୍ତି,*
*ବିଞ୍ଝାରପୁର, ଯାଜପୁର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପ୍ରେମ ପାଇଁ ସବୁକିଛି

**ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କାହାକୁ କେଉଁଠି କେତେବେଳେ ବି ହୋଇପାରେ। କିନ୍ତୁ ସଚ୍ଚା ପ୍ରେମ ସମସ୍ତଙ୍କ କପାଳରେ ନ ଥାଏ, ଏହା କେବଳ ଭାଗ୍ୟବାନ ଲୋକଙ୍କୁ ହିଁ ମିଳିଥାଏ। କାରଣ ସଚ୍ଚା ପ୍ରେମରେ ପଡିଥିବା ଲୋକ ନିଜ ଭଲପାଇବା ପାଇଁ ଏମିତି କିଛି କାର୍ଯ୍ୟ କରିଯାନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଲାଗିଥାଏ ଅସମ୍ଭବ। ଏଠାରେ ସେମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯେଉଁମାନେ ଖାସ୍ ନିଜ ପ୍ରେମ ପାଇଁ କରିଯାଇଛନ୍ତି ଏମିତି କିଛି ଭିନ୍ନ କାମ, ଯାହା ଅନ୍ୟମାନଙ୍କ ପାଇଁ ହୋଇପାରେ ଉଦାହରଣ...**

**ସ୍ତ୍ରୀଙ୍କ ସ୍ମୃତିରେ ସ୍ୱାମୀ ତିଆରି କଲେ ହାର୍ଟ ଶେପ୍‌ର ଏକ ଜଙ୍ଗଲ:** ଇଂଲଣ୍ଡସ୍ଥିତ ଏକ ଗାଁ ହେଉଛି ୱିକ୍‌ୱାର୍। ସେଠାକାର ଜଣେ ବାସିନ୍ଦା ହେଲେ ୱିନ୍‌ଷ୍ଟୋନ ହୋୱେସ୍। ବୃତ୍ତିରେ ଜଣେ କୃଷକ। ୧୯୬୨ ମସିହାରେ ସେ ଜାନେଟ୍ ନାମ୍ନୀ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବୈବାହିକ ଜୀବନ ତାଙ୍କର ବେଶ୍ ହସଖୁସିରେ ଚାଲିଥିଲା। ସ୍ୱାମୀ-ସ୍ତ୍ରୀ ପରସ୍ପରଙ୍କୁ ଖୁବ୍ ଭଲ ପାଉଥିଲେ ଆଉ ସମ୍ମାନ କରୁଥିଲେ। ୩୩ବର୍ଷର ବୈବାହିକ ଜୀବନ ଅତିବାହିତ ହେଲା ପରେ ହଠାତ୍ ଜାନେଟ୍‌ଙ୍କର ଭୀଷଣ ଦେହ ଖରାପ ହେବାରୁ ସେ ମୃତ୍ୟୁମୁଖରେ ପଡ଼ିଲେ। ୧୯୯୫ରେ ତାଙ୍କର ମୃତ୍ୟୁ ହେଲା। ସ୍ତ୍ରୀଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଲେ ୱିନ୍‌ଷ୍ଟୋନ। ବଞ୍ଚିବା ତାଙ୍କ ପାଇଁ ଦୁର୍ବିଷହ ହୋଇପଡିଲା। ସେଥିପାଇଁ ସେ ଏକ ଉପାୟ ଚିନ୍ତା କଲେ। ନିଜ ପାଖେ ଥିବା ୧୧୨ ଏକରର ଏକ ପଡ଼ିଆ ଜମିରେ ସେ ବୃକ୍ଷରୋପଣ କରିବା ଆରମ୍ଭ କଲେ। ପାଖାପାଖି ଛଅ ହଜାର ଓକ୍ ଗଛ ସେଠାରେ ଲଗାଇଲେ। ଆଶ୍ଚର୍ଯ୍ୟର କଥା  ଜମିର ସବୁ ଭାଗରେ ଗଛ ଲଗାଇଥିଲେ ହେଁ ମଝି ଭାଗର କିଛି ଅଂଶକୁ ଖାଲି ଛାଡ଼ି ଦେଇଥିଲେ। ପ୍ରତିଦିନ ଜମିକୁ ଯାଇ ଗଛର ଯତ୍ନ ନେବାରେ ତାଙ୍କର ସମୟ କେମିତି ବିତିଯାଉଥିଲା ସେ ଜାଣିପାରୁ ନ ଥିଲେ। ଏମିତି କିଛିଦିନ ବିତିବା ପରେ ଯେତେବେଳେ ଓକ୍ ଗଛଗୁଡ଼ିକ ବଡ଼ ହୋଇଗଲା, ସେତେବେଳେ ଜଣାପଡିଲା ଯେ, ମଝି ଭାଗରେ ଜମିର ଯେଉଁ ଅଂଶଟି ଖାଲି ପଡିଥିଲା ତାହା ଏକ ହାର୍ଟ ଶେପ୍ ଭୂମିରେ ପରିଣତ ହୋଇଯାଇଛି। କିନ୍ତୁ ଏ ସମ୍ପର୍କରେ କେହି ସହଜରେ ଜାଣିପାରୁ ନ ଥିଲେ। କାରଣ ତଳୁ ଦେଖିଲେ ଏହା କିଛି ବି ଜଣାପଡୁ ନ ଥିଲା। ହେଲେ ୨୦୧୨ରେ ଆଣ୍ଡି କୋଲେଞ୍ଚ ନାମକ ଜଣେ ବ୍ୟକ୍ତି ଏ ସମ୍ପର୍କିତ ଖବର ପ୍ରଥମେ ଲୋକଲୋଚନକୁ ଆଣିଲେ। କାରଣ ଆଣ୍ଡିଙ୍କର ଏକ ସଉକ ଥିଲା ହଟ୍ ଏୟାର୍ ବେଲୁନ୍‌ରେ ବସି ଆକାଶମାର୍ଗରେ ଉଡ଼ି ବୁଲିବା। ଦିନେ ଏମିତି ଆକାଶମାର୍ଗରେ ଉଡୁ ଉଡୁ ସେ ଏହି ଆଶ୍ଚର୍ଯ୍ୟକର ଦୃଶ୍ୟଟିକୁ ଦେଖିଥିଲେ ଆଉ ତାହାର କେତୋଟି ଫଟୋ ଉଠାଇ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ଧୀରେ ଧୀରେ ଏହି ଘଟଣା ସମ୍ପର୍କରେ ଚର୍ଚ୍ଚା ହେବାକୁ ଲାଗିଲା। ଅନେକ ଗଣମାଧ୍ୟମ ସଂସ୍ଥା ୱିନ୍‌ଷ୍ଟୋନଙ୍କର ସାକ୍ଷାତ୍‌କାର ନେଲେ। ଆଉ ସେହି ସାକ୍ଷାତ୍‌କାରରେ ହିଁ ୱିନ୍‌ଷ୍ଟୋନ କହିଥିଲେ ପ୍ରକୃତ ଘଟଣା ସମ୍ପର୍କରେ। ସେ କହିଥିଲେ- ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ସମ୍ପୂର୍ଣ୍ଣ ଏକଲା ହୋଇଯାଇଥିଲେ। ସମୟ କଟାଇବା ପାଇଁ ସେ ଏହି ଅଭିନବ ପ୍ରୟାସ ଆପଣାଇଥିଲେ। ତା'ସହିତ ନିଜ ସ୍ତ୍ରୀଙ୍କ ସ୍ମୃତିରେ ସେ ଜାଣି ଜାଣି ଏମିତି ଏକ ହାର୍ଟ ଶେପ୍‌ର ଭୂମି ଛାଡିଥିଲେ, ଯେଉଁ ଜାଗାରେ ସେ ବସି ନିଜ ସ୍ତ୍ରୀଙ୍କ ସହ ବିତାଇଥିବା ବିଶେଷ ମୁହୂର୍ତ୍ତଗୁଡ଼ିକୁ ମନେପକାଇ ଖୁସି ହୋଇପାରୁଥିଲେ। ଆଉ ସେହି ମୁହୂର୍ତ୍ତକ ଖୁସି ହିଁ ତାଙ୍କୁ ସାହସ ଦେଉଥିଲା ଏକାକୀ ବଞ୍ଚିବାକୁ। ତେବେ ସେ ଯାହା ବି ହେଉ ୱିନ୍‌ଷ୍ଟୋନଙ୍କ ପ୍ରଚେଷ୍ଟାରେ ଏହି ହାର୍ଟ ଶେପ୍ ଭୂମିର ଚତୁଃପାର୍ଶ୍ୱରେ ଓକ୍ ଗଛର ଏକ ଜଙ୍ଗଲ ସୃଷ୍ଟି ହୋଇପାରିଥିବାରୁ ପ୍ରକୃତି ପାଇଁ ଯେ ଏହା କେତେ ଉପକାରୀ ହୋଇପାରିଛି ଏଥିରୁ ଅନୁମାନ କରିପାରୁଥିବେ।

**ସ୍ତ୍ରୀଙ୍କ ହସ ଫେରାଇ ଆଣିବାକୁ ସ୍ୱାମୀ ତିଆରି କଲେ ଫୁଲବଗିଚା:** ଜାପାନର ସିନ୍‌ଟୋମି ଅଞ୍ଚଳର ଶ୍ରୀମାନ ଓ ଶ୍ରୀମତୀ କୁରୋକି ୧୯୫୬ ମସିହାରେ ପରସ୍ପର ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେତେବେଳେ ଘରକୁ ଲାଗି ଶ୍ରୀମାନ କୁରୋକିଙ୍କର ଏକ ଡାଏରୀ ଫାର୍ମ ଥିଲା। ବିବାହ ପରେ ଫାର୍ମ କାମରେ ସ୍ୱାମୀଙ୍କୁ ସହଯୋଗ କରିବାକୁ ଶ୍ରୀମତୀ କୁରୋକି ମଧ୍ୟ ଆଗେଇ ଆସିଲେ। ସ୍ୱାମୀ-ସ୍ତ୍ରୀଙ୍କ ମିଳିତ ଉଦ୍ୟମରେ ଫାର୍ମର କାମ ଖୁବ୍ ଚାଲିଲା, ରୋଜଗାର ବି ଭଲ ହେଲା। ପରସ୍ପରର ସୁଖଦୁଃଖର ସାଥୀ ହୋଇ ବେଶ୍ ଖୁସିରେ ୩୦ ବର୍ଷର ପାରିବାରିକ ଜୀବନ ସେମାନେ କାଟିଦେଲେ। ସେତେବେଳେକୁ ଉଭୟଙ୍କୁ ବାର୍ଦ୍ଧକ୍ୟ ଛୁଇଁ ସାରିଥାଏ। ଏଥର ସେମାନେ ମନ ବଳାଇଲେ ଫାର୍ମର ଦାୟିତ୍ୱ କାହାକୁ ଦେଇ ଜାପାନ ଭ୍ରମଣରେ ଯିବେ। ଏଥିପାଇଁ ପ୍ରସ୍ତୁତି ପର୍ବ ବି ଆରମ୍ଭ କରିଦେଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା । ହଠାତ୍ ଶ୍ରୀମତୀ କୁରୋକି ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ। ଏହି ଘଟଣା ତାଙ୍କୁ ମାନସିକ ସ୍ତରରେ ଏତେ ଦୁର୍ବଳ କରିଦେଲା ଯେ, ସେ ହସିବା ମଧ୍ୟ ଛାଡିଦେଲେ। କାହା ସହିତ ଭଲମନ୍ଦ କଥା ହେବା, ଠିକ୍‌ରେ ଖିଆପିଆ କରିବା ଏପରିକି ଘରୁ ବାହାରିବା ବି ସେ ବନ୍ଦ କରିଦେଲେ। ସ୍ତ୍ରୀଙ୍କର ଏଭଳି କରୁଣ ଅବସ୍ଥା ଶ୍ରୀମାନ କୁରୋକିଙ୍କୁ ଖୁବ୍ କଷ୍ଟ ଦେଉଥିଲା। ସବୁବେଳେ ହସୁଥିବା ତାଙ୍କ ପ୍ରିୟ ସ୍ତ୍ରୀଙ୍କ ମୁହଁରେ ଏଭଳି ଦୁଃଖର କଳାବାଦଲ ଦେଖି ତାଙ୍କୁ ବି ବଞ୍ଚିବାକୁ ଇଚ୍ଛା ହେଉ ନ ଥିଲା। ତଥାପି ସିଏ ନିଜକୁ ସମ୍ଭାଳିବାକୁ ଚେଷ୍ଟା କଲେ ଆଉ କିପରି ନିଜ ସ୍ତ୍ରୀଙ୍କ ମୁହଁରେ ପୁଣିଥରେ ହସ ଫୁଟାଇବେ ସେଥିପାଇଁ ଅନେକ ଚିନ୍ତା ମଧ୍ୟ କଲେ। ହଠାତ୍ ତାଙ୍କ ମୁଣ୍ଡକୁ ଏକ ଉପାୟ ଜୁଟିଲା। ଫୁଲ ପ୍ରତି ତାଙ୍କ ସ୍ତ୍ରୀଙ୍କର ଖୁବ୍ ଦୁର୍ବଳତା ଥିବା କଥା ତାଙ୍କର ମନେପଡିଲା। ତେଣୁ ସେ ଚିନ୍ତା କଲେ ତାଙ୍କ ଡାଏରୀ ଫାର୍ମକୁ ଏକ ସୁନ୍ଦର ବଗିଚାରେ ପରିଣତ କରିବେ। ସେଥିପାଇଁ ସେ ମୁଖ୍ୟତଃ ଗୋଲାପୀ ରଙ୍ଗର ଶିବଜାକୁରା ଫୁଲକୁ ଚୟନ କରିଥିଲେ। କାରଣ ଏହି ଫୁଲର ଏକ ସୁନ୍ଦର ମହକ ଥାଏ, ତା'ସାଙ୍ଗକୁ ଏହାର ରଙ୍ଗ ବି ବେଶ୍ ଆକର୍ଷଣୀୟ ଲାଗିଥାଏ। ତେଣୁ ବେଶ୍ କିଛିଦିନର କଠିନ ପରିଶ୍ରମ ପରେ ଶ୍ରୀମାନ କୁରୋକି ନିଜ ଲକ୍ଷ୍ୟରେ ସଫଳ ହେଲେ ଆଉ ସ୍ତ୍ରୀଙ୍କ ପାଇଁ ନିଜ ଡାଏରୀ ଫାର୍ମକୁ ଏକ ସୁନ୍ଦର ବଗିଚାରେ ପରିବର୍ତ୍ତନ କରିଦେଲେ। ଯଦ୍ୱାରା ବଗିଚାରେ ଫୁଟିଥିବା ଫୁଲର ମହକ ଧୀରେ ଧୀରେ ଶ୍ରୀମତୀ କୁରୋକିଙ୍କୁ ଆକର୍ଷିତ କରିଥିଲା ଆଉ ତାଙ୍କୁ ଘରୁ ବାହାରି ଖୋଲା ପବନରେ ବୁଲାବୁଲି କରିବାକୁ ବାଧ୍ୟ କରିଥିଲା। ମନୋବଳ ହରାଇ ବସିଥିବା ଶ୍ରୀମତୀ କୁରୋକି କ୍ରମେ ଜିଇବାକୁ ଲାଗିଲେ, ହସିବାକୁ ଲାଗିଲେ ; ଆଉ ଏସବୁ କେବଳ ତାଙ୍କ ସ୍ୱାମୀଙ୍କ ପ୍ରଚେଷ୍ଟା ଯୋଗୁ ହିଁ ସମ୍ଭବ ହୋଇପାରିଥିଲା। ତେବେ ଏହି ବଗିଚା ଯେ କେବଳ ଶ୍ରୀମତୀ କୁରୋକିଙ୍କୁ ଜିଇବା ଶିଖାଇଥିଲା ତାହା ନୁହେଁ, ଧୀରେ ଧୀରେ ଏହା ଆଖପାଖ ଲୋକଙ୍କୁ ବି ଆକର୍ଷିତ କରିଥିଲା ନିଜ ଆଡ଼କୁ। ଫଳରେ ଏଠାରେ ଦିନକୁ ଦିନ ଲୋକଙ୍କର ଭିଡ଼ ଜମିବାକୁ ଲାଗିଲା, ଯାହା ଉଭୟ ଶ୍ରୀମାନ ଓ ଶ୍ରୀମତୀ କୁରୋକିଙ୍କ ଜୀବନରେ ବଞ୍ଚିବାର ନୂଆ ଆଶା ସଂଚାର କରିଦେଇଥିଲା।

→



**ପ୍ରେମିକାଙ୍କୁ ମନେଇବାକୁ ଯୁବକ ତିଆରି କଲେ ପିଙ୍କ୍ ଆଇଲାଣ୍ଡ:** ଚାଇନାର ୟିଙ୍ଗଡେ ଅଞ୍ଚଳର ଜଣେ ବାସିନ୍ଦା ହେଲେ ଜୁ। ତାଙ୍କର ଜଣେ ସୁନ୍ଦରୀ ତରୁଣୀଙ୍କ ସହ ଥିଲା ପ୍ରେମସମ୍ପର୍କ। ସେମାନେ ନିଜ ସୁନେଲି ଭବିଷ୍ୟତକୁ ନେଇ ଅନେକ ରଙ୍ଗିନ ସ୍ୱପ୍ନ ଦେଖିଥିଲେ। ହେଲେ ହଠାତ୍ ଜୁଙ୍କ ବୃଦ୍ଧ ମାତାପିତାଙ୍କ ଦେହ ଖରାପ ହୋଇଗଲା। ମାତାପିତାଙ୍କ ଦେଖାଚାହାଁ କରିବାରେ ଜୁ ଏତେ ବ୍ୟସ୍ତ ରହିଗଲେ ଯେ, ପ୍ରେମିକା ପାଇଁ ଆଉ ସମୟ ବାହାର କରିପାରିଲେ ନାହିଁ। ଏମିତି ବେଶ୍ କିଛିଦିନ ବିତିଗଲା। ଏପଟେ ପ୍ରେମିକା ଜଣଙ୍କ ଜୁଙ୍କ ଫେରିବା ବାଟକୁ ଚାହିଁଚାହିଁ ରାଗରେ ତାଙ୍କଠାରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇଗଲେ। ଏକଥା ଯେତେବେଳେ ଜୁ ଜାଣିପାରିଲେ ସଙ୍ଗେସଙ୍ଗେ ପ୍ରେମିକାଙ୍କୁ ଦେଖା କରିବାକୁ ଚାହିଁଲେ ; ହେଲେ ପ୍ରେମିକା ଜଣକ ତାଙ୍କୁ ଦେଖା ଦେଲେନାହିଁ। ଏପରିକି ତାଙ୍କ ସହ କଥା ମଧ୍ୟ ହେଲେ ନାହିଁ। ଦୁଃଖରେ ଭାଙ୍ଗି ପଡିଲେ ଜୁ। ପ୍ରେମିକାଙ୍କୁ କେମିତି ମନାଇବେ ସେହି ଚେଷ୍ଟାରେ ରହିଲେ। ଏମିତି ଅନେକ କଥା ଭାବୁଭାବୁ ଜୁଙ୍କ ମୁଣ୍ଡକୁ ଏକ ଉପାୟ ଆସିଲା। ଜୁଙ୍କର ଏକ ବଗିଚା ଥିଲା। ସେ ଚିନ୍ତା କଲେ ସେହି ବଗିଚାଟିକୁ କେମିତି ପିଙ୍କ୍ ଆଇଲାଣ୍ଡରେ ପରିଣତ କରିବେ। ସେଥିପାଇଁ ସେ ବଗିଚାରେ ଅନେକ ଗୋଲାପୀ ରଙ୍ଗର ଗଛଲତା ଆଣି ଲଗାଇଲେ, ଯେଉଁଥିରେ ମୁଖ୍ୟତଃ ଚେରି ଗଛ ହିଁ ବେଶି ରହିଥିଲା। ଏପରିକି ବଗିଚାର ଘାସକୁ ବି ସିଏ ଗୋଲାପୀ ରଙ୍ଗରେ ପରିଣତ କରିଦେଲେ। କେବଳ ସେତିକି ନୁହେଁ, ଜୁ ଉକ୍ତ ବଗିଚାରେ ପାଣି ଭିତରେ ଗୋଟିଏ ରୋମାଣ୍ଟିକ୍ ସ୍ପଟ୍ ବି ତିଆରି କରିଥିଲେ, ଯେଉଁଠାକୁ ଯିବା ପାଇଁ ମଝିରେ ଏକ ଆକର୍ଷଣୀୟ ପୋଲର ବ୍ୟବସ୍ଥା ମଧ୍ୟ କରାଇଥିଲେ। ଏଥିପାଇଁ ଜୁଙ୍କୁ ପ୍ରାୟ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ଆଉ ଏସବୁ ସିଏ କେବଳ ନିଜ ପ୍ରେମିକାଙ୍କୁ ମନାଇବା ପାଇଁ କରିଥିଲେ। କାଳେ ତାଙ୍କ ପ୍ରେମିକା ଏସବୁ ଦେଖି ନିଜ ମନ ବଦଳାଇ ଦେବେ ଆଉ ତାଙ୍କୁ ପୁଣି ଆପଣାଇ ନେବେ। ହେଲେ ସେମିତି କିଛି ବି ହେଲାନାହିଁ। ଅବଶ୍ୟ ତାଙ୍କ ପ୍ରେମିକା ତାଙ୍କର ଏସବୁ କାରନାମା ଦେଖି ବହୁତ ଖୁସି ହୋଇଥିଲେ ଆଉ ତାଙ୍କୁ ପ୍ରଶଂସା ବି କରିଥିଲେ ; କିନ୍ତୁ ତାଙ୍କ ସହିତ ଆଉ ଆଗକୁ ସମ୍ପର୍କ ରଖିବାକୁ ଚାହୁଁ ନ ଥିଲେ। ବରଂ ଜୁଙ୍କୁ ସିଏ ଏକଥା କହି ଚାଲିଗଲେ ଯେ, ତୁମେ ବହୁତ ଭଲ ପିଲା। ତୁମ କାମକୁ ବି ବହୁତ ପସନ୍ଦ କରେ। କିନ୍ତୁ ତୁମ ପାଇଁ ମୁଁ ଉପଯୁକ୍ତ ଝିଅ ନୁହେଁ। ତେଣୁ ତୁମେ ଆଉ କେଉଁ ଝିଅକୁ ପସନ୍ଦ କରି ତାଙ୍କ ସହ ନିଜର ଜୀବନ ବିତାଇପାର। ଜୁଙ୍କର ମନକଥାକୁ ତାଙ୍କ ପ୍ରେମିକା ସିନା ବୁଝିପାରିଲେନି ହେଲେ ତାଙ୍କ ଉଦ୍ୟମକୁ ଲୋକମାନେ ବହୁତ ପସନ୍ଦ କଲେ। ହାତପାହାନ୍ତାରେ ଏତେ ସୁନ୍ଦର ସ୍ଥାନ ପାଇ ଧୀରେ ଧୀରେ ଲୋକମାନେ ସେଠାକୁ ବୁଲି ଆସିଲେ, ଫଟୋଶୁଟ୍ ମଧ୍ୟ କରିବାକୁ ଲାଗିଲେ। କ୍ରମେ ଏକଥା ଚର୍ଚ୍ଚା ହେବାପରେ କେତେକ ଗଣମାଧ୍ୟମ ସଂସ୍ଥା ଜୁଙ୍କର ସାକ୍ଷାତ୍‌କାର ବି ନେଲେ। ଆଉ ସେହି ସାକ୍ଷାତ୍‌କାରରେ ଜୁ କହିଲେ, 'ମୁଁ ଜଣେ ରୋମାଣ୍ଟିକ୍ ସ୍ୱଭାବର ଲୋକ। କିନ୍ତୁ ଏହାକୁ ମୁଁ ଭାଷାରେ ପ୍ରକାଶ କରିପାରେ ନାହିଁ। ବରଂ କାମରେ ଦେଖାଇବାକୁ ଚେଷ୍ଟା କରିଥାଏ। ହୁଏତ ଏକଥା ମୋ ପ୍ରେମିକାଙ୍କୁ ପସନ୍ଦ ଆସିଲା ନାହିଁ। ସେଥିପାଇଁ ସେ ମୋତେ ଛାଡିଦେଇ ଚାଲିଗଲେ। ତଥାପି ମୁଁ ତାଙ୍କ ଫେରିବା ବାଟକୁ ଚାହିଁ ରହିଛି। ଦେଖାଯାଉ ମୋ ଆଶା କେବେ ପୂରଣ ହେଉଛି।' ଜୁଙ୍କ ଆଶା କେବେ ପୂରଣ ହେବ ତାହା ତ ଜଣାନାହିଁ ହେଲେ ତାଙ୍କ ହାତ ତିଆରି ପିଙ୍କ୍ ଆଇଲାଣ୍ଡ କିନ୍ତୁ ଏବେ ଲୋକଙ୍କର ମନ ଜିଣିବାରେ ବେଶ୍ ସକ୍ଷମ ହେଉଛି।

**ସ୍ତ୍ରୀଙ୍କ ସ୍ମୃତିଶକ୍ତି ଫେରାଇ ଆଣିବାକୁ ସ୍ୱାମୀ ଲେଖିଲେ ବହି:** ମିଚିଗାନ୍ ଅଞ୍ଚଳର ଦମ୍ପତି ହେଲେ ଷ୍ଟେଭେ କୁର୍ଟୋ ଏବଂ କାମ୍‌ରେ କୁର୍ଟୋ। ବେଶ୍ ହସଖୁସିରେ ଚାଲିଥିଲା ତାଙ୍କ ବୈବାହିକ ଜୀବନ। ମା' ହେବାକୁ ଯାଉଥିଲେ କାମ୍‌ରେ। ସେଥିପାଇଁ ଖୁସିରେ ତାଙ୍କ ପାଦ ତଳେ ଲାଗୁ ନ ଥିଲା। ନୂଆ ଅତିଥିକୁ ସ୍ୱାଗତ କରିବା ପାଇଁ ଉଭୟ ସ୍ତ୍ରୀ ଓ ସ୍ୱାମୀ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରି ରହିଥିଲେ। ଆଉ ତା'ର ସୁନେଲି ଭବିଷ୍ୟତ ପାଇଁ କେତେ କ'ଣ ଯୋଜନା ବି କରିଥିଲେ। କିନ୍ତୁ ହଠାତ୍ ସବୁକିଛି ଓଲଟପାଲଟ ହୋଇଗଲା। ପ୍ରସବ ସମୟ ପାଖେଇ ଆସିବାରୁ କାମ୍‌ରେ ଖୁବ୍ ନର୍ଭସ୍ ହୋଇପଡିଲେ ; ଯଦ୍ୱାରା ତାଙ୍କର ରକ୍ତଚାପ ବଢିବାକୁ ଲାଗିଲା। ତା'ସହିତ ଇଣ୍ଟରନାଲ୍ ବ୍ରେନ୍ ଇଞ୍ଜୁରି ହୋଇଯିବାରୁ ତାଙ୍କୁ ଏମର୍ଜେନ୍ସି ଆଇସିୟୁରେ ଭର୍ତ୍ତି କରାଗଲା। ଅବଶ୍ୟ ଭଗବାନଙ୍କ କୃପାରୁ ଏବଂ ଡାକ୍ତରଙ୍କ ଉଦ୍ୟମ ଯୋଗୁ କାମ୍‌ରେଙ୍କର ଭଲରେ ଭଲରେ ପିଲାଟିଏ ଜନ୍ମ ହୋଇଗଲା। କିନ୍ତୁ ଅନ୍ୟପକ୍ଷେ କାମ୍‌ରେ ନିଜର ସ୍ମୃତିଶକ୍ତି ହରାଇବସିଲେ। ସିଏ କିଏ, ତାଙ୍କର କିଏ ସବୁ ଅଛନ୍ତି, ତାଙ୍କ ଘର କେଉଁଠି ଇତ୍ୟାଦି କିଛି ବି ମନେପଡୁ ନ ଥିଲା। ସ୍ତ୍ରୀଙ୍କର ଏଭଳି ଅବସ୍ଥା ଦେଖି ଷ୍ଟେଭେ ଖୁବ୍ ଭାଙ୍ଗିପଡିଲେ। କିନ୍ତୁ ନିଜ ପିଲା କଥା ବୁଝିବାକୁ ତାଙ୍କୁ ପୁଣି ଦୃଢ଼ ହେବାକୁ ପଡିଲା। ଗୋଟେ ପଟେ ପିଲା ଅନ୍ୟପଟେ ସ୍ତ୍ରୀ ଉଭୟଙ୍କ ପାଇଁ ସମୟ ବାହାର କରିବାକୁ ସେ ମନସ୍ଥ କରିନେଲେ। ପିଲାର ସମସ୍ତ କଥା ବୁଝି ସ୍ତ୍ରୀଙ୍କୁ ମଧ୍ୟ ନିୟମିତ ଦେଖା କରିବାକୁ ଡାକ୍ତରଖାନା ଯିବାକୁ ପଡୁଥିଲା ତାଙ୍କୁ। ଏମିତି କିଛିଦିନ ବିତିବାପରେ ଡାକ୍ତର କାମ୍‌ରେଙ୍କୁ ଘରକୁ ନେଇ ଦେଖାଚାହାଁ କରିବାକୁ ଷ୍ଟେଭେଙ୍କୁ ପରାମର୍ଶ ଦେଲେ। ଷ୍ଟେଭେ ସ୍ତ୍ରୀଙ୍କୁ ଆଣି ପାଖରେ ରଖିଲେ ଆଉ ତାଙ୍କର ସମସ୍ତ ସେବାଯତ୍ନ କଲେ। କାମ୍‌ରେ ସବୁକିଛି ଦେଖୁଥିଲେ, ଅନୁଭବ କରୁଥିଲେ ହେଁ ତାଙ୍କର ପୂର୍ବ କଥା କିଛି ବି ମନେ ପଡୁ ନ ଥିଲା। ନା ସ୍ୱାମୀଙ୍କୁ ଚିହ୍ନୁଥିଲେ ନା ଜନ୍ମିତ ପିଲାକୁ। ବେଶ୍ କିଛିଦିନ ଏମିତି ବିତିଗଲା। ଦିନେ କାମ୍‌ରେଙ୍କ ପାଖରେ ଷ୍ଟେଭେ ବସିଥାନ୍ତି। ହଠାତ୍ କାମ୍‌ରେ ତାଙ୍କୁ କହିଲେ, 'ଆଇ ଡୁ ନଟ୍ ନୋ ହୋୟାର୍ ଆଇ ଆମ୍, ଆଇ ଡୁ ନଟ୍ ନୋ ହୁ ଆର୍ ୟୁ, ଆଇ ଡୁ ନଟ୍ ନୋ ହ୍ୱାଏ ଆଇ ଆମ୍ ହିୟର୍, ବଟ୍ ଆଇ ନୋ ଆଇ ଲଭ୍ ୟୁ'। ବାସ୍ ଏହି ଶେଷ କଥା ପଦକ ଷ୍ଟେଭେଙ୍କ ଜୀବନରେ ଆଶାର ଏକ ନୂଆ କିରଣ ନେଇ ଆସିଥିଲା। ସେ ସଙ୍ଗେସଙ୍ଗେ ଚିନ୍ତା କଲେ, ଯଦି ମୁଁ କାମ୍‌ରେ ଆଉ ମୋ ଭିତରେ ବିତିଯାଇଥିବା ସମସ୍ତ ଘଟଣାବଳୀକୁ ନେଇ ବହି ଲେଖିବି ଆଉ ତାକୁ କାମ୍‌ରେଙ୍କୁ ପଢାଇବି ତା'ହେଲେ ହୁଏତ ସିଏ ପୁଣିଥରେ ତାଙ୍କର ସ୍ମୃତିଶକ୍ତି ଫେରିପାଇପାରିବେ। ଏହା ଭାବି ଷ୍ଟେଭେ ଲେଖିବା ଆରମ୍ଭ କଲେ। ଆଉ ଶେଷରେ ତାହାକୁ ନେଇ ଏକ ବହି ବି ସେ ପ୍ରକାଶ କଲେ, ଯାହାର ଟାଇଟଲ୍ ରଖିଲେ 'ବଟ୍ ଆଇ ନୋ ଆଇ ଲଭ୍ ୟୁ'। ତା'ପରେ ସେ ବହିଟିକୁ ଆଣି କାମ୍‌ରେଙ୍କୁ ଦେଲେ ପଢ଼ିବା ପାଇଁ। ଆଶ୍ଚର୍ଯ୍ୟର ବିଷୟ ଉକ୍ତ ବହିଟିକୁ ପଢ଼ିବା ପରେ କ୍ରମେ କାମ୍‌ରେଙ୍କ ଭିତରେ ବହୁତ କିଛି ପରିବର୍ତ୍ତନ ଆସିଲା। ସିଏ ଧୀରେ ଧୀରେ ତାଙ୍କର ଭୁଲି ଯାଇଥିବା ସମସ୍ତ କଥାକୁ ମନେ ପକାଇପାରିଲେ। ଏପରିକି ସିଏ ତାଙ୍କ ପିଲାକୁ ବି ଚିହ୍ନିପାରିଲେ। ଏସବୁ କେବଳ ତାଙ୍କ ସ୍ୱାମୀଙ୍କ ଯୋଗୁ ହିଁ ସମ୍ଭବ ହୋଇପାରିଥିଲା।

ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ, ସଚ୍ଚା ପ୍ରେମରେ ବହୁତ ଶକ୍ତି ଥାଏ। ଏହାକୁ ପାଥେୟ କରି ଅସମ୍ଭବ କାମକୁ ବି ସମ୍ଭବ କରିହୁଏ। ଏଥିପାଇଁ କେବଳ ନିଜ ଉପରେ ଭରସା ଆଉ ନିଜ ଭଲପାଇବା ଉପରେ ବିଶ୍ୱାସ ରହିବା ଦରକାର।

**–ଅନ୍ୱିତା ମିଶ୍ର**


କାମ୍‌ରେ ଓ ଷ୍ଟେଭେ


ୱିନ୍‌ଷ୍ଟୋନ- ଜାନେଟ୍


ଶ୍ରୀମାନ ଓ ଶ୍ରୀମତୀ କୁରୋକି




ଜୁଙ୍କ ପିଙ୍କ୍ ଆଇଲାଣ୍ଡ

# ଆମ ପାଇଁ ସବୁଦିନ ଭାଲେଣ୍ଟାଇନ୍ସ ଡେ'



ଓଡ଼ିଆ ଟେଲି ଇଣ୍ଡଷ୍ଟ୍ରୀର ଏମାନେ ଏକ ଚର୍ଚ୍ଚିତ ଯୋଡ଼ି । ଖୋଲାଖୋଲି ଭାବେ ଭଲ ପାଇଥିଲେ । ବିବାହ ବି କଲେ। ଏବେ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ନେଇ ଆଗେଇ ଚାଲିଛନ୍ତି । ସେ ହେଉଛନ୍ତି ଅରବିନ୍ଦ-ଜ୍ୟାଙ୍କଲିନ୍, ଯାହାଙ୍କୁ ସମସ୍ତେ ଜାଣନ୍ତି ଅରଜାନ୍ ଭାବେ । ପ୍ରେମ ଦିବସରେ ଚାଲନ୍ତୁ ଜାଣିବା ତାଙ୍କ ଲଭ୍‌ଷ୍ଟୋରି...

**ପ୍ରେମର ଆରମ୍ଭ କେମିତି ହୋଇଥିଲା?**

ଜ୍ୟାଙ୍କଲିନ୍: ଶୁଟିଂସେଟ୍‌ରେ ଅରବିନ୍ଦଙ୍କ ସହ ପ୍ରଥମ ଦେଖା । ଆଉ ପ୍ରଥମ ଦେଖାରୁ ହିଁ ସେ ମତେ ଭଲ ଲାଗିଥିଲେ । କହିବାକୁ ଗଲେ ଲଭ୍ ଆଟ୍ ଫର୍ଷ୍ଟ ସାଇଟ୍ ଥିଲା ମୋ ପାଇଁ ।

ଅରବିନ୍ଦ: ସେତେବେଳେ ମୁଁ ମୋର ପ୍ରଥମ ରିଲେଶନଶିପ୍‌ର ବ୍ରେକ୍‌ଅପ୍ ଡିପ୍ରେସନ୍‌ରୁ ବହୁ କଷ୍ଟରେ ବାହାରିଥାଏ । ସେଥିଲାଗି ପ୍ରେମ ଉପରୁ ବିଶ୍ୱାସ ଉଠିଯାଇଥିଲା । ଆଉ କ୍ୟାରିୟର୍ ଉପରେ ଗୁରୁତ୍ୱ ଦେଉଥିଲି । ଏମିତିରେ ଜ୍ୟାଙ୍କଲିନ୍‌ଙ୍କର ମୋ ପ୍ରତି ଦୁର୍ବଳତା ଥିବା ଦେଖି କ୍ଲିୟର୍ କରିଦେଇଥିଲି ମୁଁ ଏସବୁରେ ପଡ଼ିବାକୁ ଚାହେଁନି ବୋଲି । ହେଲେ ପରେ ଶୁଟିଂସେଟ୍‌ରେ ଜ୍ୟାଙ୍କଲିନ୍‌ଙ୍କର ଅନେକ ଭଲ ଗୁଣ ମୋତେ ଆଟ୍ରାକ୍ଟ କରିଥିଲା । ଆଉ କେବେ ପ୍ରେମ ହୋଇଗଲା ଜଣାପଡିଲାନି ।

**କେମିତି ଏତେ ଓପନ ଥିଲା ଆପଣଙ୍କ ପ୍ରେମ କାହାଣୀ?**

ଜ୍ୟାଙ୍କଲିନ୍: ବିବାହର ୨ ବର୍ଷ ପୂର୍ବରୁ ଯେବେ ଦୁହେଁ ନିଶ୍ଚିତ ହେଲୁ ଯେ, ଆମେ ଜୀବନସାଥୀ ହେବୁ ତା'ପରଠାରୁ ସୋସିଆଲ ମିଡିଆରେ ଖୋଲାଖୋଲି ଭାବେ ରିଲେଶନ୍‌ଶିପ୍‌ରେ ଥିବା ଜଣାଇଥିଲୁ । ଆମ ଘରେ ଖାଲି ବାପା ଏତେଟା ରାଜି ନ ଥିଲେ । କିନ୍ତୁ ମୁଁ ଭଲ ପାଇଛି ମାନେ ପଛକୁ ଫେରିବାର ପ୍ରଶ୍ନ ଉଠୁ ନ ଥିଲା ।

ଅରବିନ୍ଦ: ଆମ ପରିବାର ତରଫରୁ କିଛି ସମସ୍ୟା ନ ଥିଲା । ତା'ଛଡା ଜୀବନସାଥୀ ହେବାକୁ ନିଷ୍ପତ୍ତି ନେଇଥିଲୁ । ତେଣୁ ଲୁଚାଇ ରଖିବାର କିଛି ନ ଥିଲା ।

**ପ୍ରଥମ ଉପହାର କ'ଣ ଥିଲା?**

ଜ୍ୟାଙ୍କଲିନ୍ ହସି ହସି ଅରବିନ୍ଦଙ୍କୁ: କ'ଣ ଦେଇଥିଲ ତ ?

ଅରବିନ୍ଦ: ଭୁଲି ଯାଇଛ, ଏତେ କଷ୍ଟ କରିଥିଲି ! ବର୍ଥ ଡେ' ପାଇଁ ଏକ ରୁମ୍ ବୁକ୍ କରି ଆମର ବିଭିନ୍ନ ଫଟୋକୁ ସୁନ୍ଦରଭାବେ ସଜାଇ ଏକ ବଡ଼ ପାଣ୍ଡା ସଫ୍ଟ ଟୟ ଦେଇଥିଲି । ଏକଥା କ'ଣ ମନେ ନାହିଁ ? ଏହାଛଡ଼ା ମୁଁ ସବୁବେଳେ ପ୍ଲାନ କରେ କିଛି ଇନୋଭେଟିଭ୍ ଗିଫ୍ଟ ଦେବାକୁ । ଜ୍ୟାଙ୍କଲିନ୍‌ଙ୍କର ଅନ୍ୟ ଏକ ବର୍ଥଡେରେ ତ ମୁଁ ନଦୀ ବାଲି ଉପରେ ମୁରୁଜରେ ୨୦ ଫୁଟ୍ ଆକାରର ଲେଟର୍‌ରେ ହାପି ବର୍ଥଡେ ଲେଖିଥିଲି । ଖାଲି ମୁଁ ନୁହେଁ ଜ୍ୟାଙ୍କଲିନ୍ ବି ମତେ ଅନେକ ଗିଫ୍ଟ ଦେଇଛନ୍ତି । ହେଲେ ମତେ ଲାଗେ ଭଲ ପାଇବା ଉପରୁ ବିଶ୍ୱାସ ଉଠିଯାଇଥିବା ସମୟରେ ସେ ମତେ ଦେଇଥିବା ଭଲ ପାଇବା ଓ ଲୟାଲିଟି ହେଉଛି ମୋ ପାଇଁ ବଡ଼ ଉପହାର ।

**ପ୍ରଥମେ ଆଇ ଲଭ୍ ୟୁ କେବେ କହିଥିଲେ?**

ଜ୍ୟାଙ୍କଲିନ୍-ଅରବିନ୍ଦ: ନା, କେବେ କହିନୁ । ଆମେ ଦୁହେଁ ଦୁହିଁଙ୍କ ହୃଦୟର କଥାକୁ ଅନୁଭବ କରିପାରିଥିଲୁ । ଆଇ ଲଭ୍ ୟୁ କହିବାର ଆବଶ୍ୟକତା ପଡିନି ।

**ଝଗଡ଼ା ହୁଏ?**

ଅରବିନ୍ଦ: ଝଗଡ଼ା ନ ଥିଲେ ସେ କି ଭଲ ପାଇବା । ଜ୍ୟାଙ୍କଲିନ୍ ଜିଦିଆ, ମୁଁ ଟିକେ ରାଗି । ତେଣୁ ବେଳେ ବେଳେ ଝଗଡ଼ା ହୋଇଯାଏ । ଯଦି ମୋର ଭୁଲ୍ ଥାଇ ଝଗଡ଼ା ହୁଏ ମୁଁ ଘଣ୍ଟେ ଦୁଇ ଘଣ୍ଟା ଭିତରେ ଯାଇ ବୁଝାଇଦିଏ । ଆଉ ଜ୍ୟାଙ୍କଲିନ୍‌ଙ୍କର ଭୁଲ୍ ଥିଲେ ଦିନେ ଦୁଇ ଦିନ ପରେ ସେ ଆସି ମୋତେ ବୁଝାଇଥାନ୍ତି ।





**କେଉଁ ଗୁଣ ଭଲ ଲାଗେନି?**

ଅରବିନ୍ଦ: ଜ୍ୟାଙ୍କଲିନ୍ ନିଜର କେୟାର ନିଅନ୍ତିନି । ଖାଇବା, ପାଣି ପିଇବାରେ ଅବହେଳା କରନ୍ତି । ସେଇଟା ମୋତେ ଭଲ ଲାଗେନି । ଏଥିପାଇଁ ଅନେକ ସମୟରେ ଝଗଡ଼ା ବି ହୁଏ ।

ଜ୍ୟାଙ୍କଲିନ୍: ଅରବିନ୍ଦ ବହୁତ ଭୁଲ୍‌କଡ୍ । ଅନେକ କଥା ଭୁଲି ଯାଆନ୍ତି, ଯୋଉଟା ମୋତେ ଭଲ ଲାଗେନି ।

**ଅନ୍‌ସ୍କ୍ରିନ୍ ରୋମାନ୍ସ ବେଳେ ଜେଲସି ହୁଏ?**

ଅରବିନ୍ଦ: ନୂଆ ନୂଆ ଭଲ ପାଇବା ସମୟରେ ମୋତେ ଭାରି ଈର୍ଷା ହେଉଥିଲା । ମୋ ଗର୍ଲଫ୍ରେଣ୍ଡ ହୋଇ କେମିତି ଅନ୍ୟକୁ ହଗ୍ କରୁଛି ଭାବି ରାଗ ଲାଗୁଥିଲା । ହେଲେ ପରେ ବୁଝିପାରିଥିଲି । ଏମିତିକି ପରବର୍ତ୍ତୀ ସମୟରେ ରୋମାଣ୍ଟିକ୍ ସିନ୍ ପାଇଁ ତାଙ୍କୁ ଟିପ୍ସ ବି ଦେଇଛି ।

ଜ୍ୟାଙ୍କଲିନ୍: ମୁଁ ବହୁତ ମାଚ୍ୟୋର୍ । ଆମର କାମ କ'ଣ ମୁଁ ଭଲରେ ଜାଣିଛି ।

**ଭାଲେଣ୍ଟାଇନ୍ସ ଡେ' କେମିତି ସେଲିବ୍ରେଟ୍ କରନ୍ତି?**

ଅରବିନ୍ଦ-ଜ୍ୟାଙ୍କଲିନ୍: ଆଗରୁ ଆମ ପାଖରେ ଏତେ ସମୟ ରହୁ ନ ଥିଲା । ହେଲେ ଭାଲେଣ୍ଟାଇନ୍ସ ଡେ' ଦିନ ଶୁଟିଂ ସେଟ୍‌ରେ ଆମେ ଆଗୁଆ କହି ଦେଉଥିଲୁ କିଛି ସମୟ ବାହାରକୁ ଯିବୁ ବୋଲି । ଆଉ ଆମେ ଆମର ପ୍ରିୟ ଜାଗା ଚନ୍ଦ୍ରଭାଗା ଯାଉଥିଲୁ । ସେଠି ଏକାଠି ସୂର୍ଯ୍ୟାସ୍ତ ଦେଖିବା ସହ କିଛି ନିରୋଳା ମୁହୂର୍ତ୍ତ ବିତାଉଥିଲୁ । ତେବେ ପ୍ରକୃତରେ କହିବାକୁ ଗଲେ ଆମ ପାଇଁ ସବୁଦିନ ଭାଲେଣ୍ଟାଇନ୍ସ ଡେ' । ତେଣୁ ସବୁଦିନକୁ ଖାସ୍ କରିବାକୁ ଚାହୁଁ ।

**କ୍ୟାରିୟର ବଦଳାଇବାର କାରଣ କ'ଣ?**

ଅରବିନ୍ଦ: ଆମେ ଦୁହେଁ ଅଭିନୟ ଛାଡିନୁ କି ଛାଡି ପାରିବୁନି । ଖାଲି ଟିକେ ବିରତି ନେଇଛୁ । ଓଲିଉଡ ଇଣ୍ଡଷ୍ଟ୍ରୀରେ ଅଭିନୟକୁ ନେଇ ବଞ୍ଚିବା କଷ୍ଟକର । ତେଣୁ ଏକ ସୁନ୍ଦର ଭବିଷ୍ୟତ ଗଢିବା ତଥା ଆର୍ଥିକଭାବେ ସ୍ୱଚ୍ଛଳ ହେବା ଲାଗି ଦିଲ୍ଲୀର ଗୁରୁଗ୍ରାମରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଛି । ଆର୍ଥିକସ୍ଥିତି ସୁଦୃଢ ହେଲେ ଚାକିରି ସହ ଅଭିନୟ କରିବୁ । ବଲିଉଡ୍‌ରେ ଟ୍ରାଏ କରିବାକୁ ବି ଯୋଜନା ଅଛି । କିଛି ଥିଏଟର୍‌ରେ ଯୋଗ ଦେବାକୁ କଥା ହେଇଛି ।

ଜ୍ୟାଙ୍କଲିନ୍: ମୋର ଏବେ ପିଜି ସରିଲା । ଚାକିରି କରିବାକୁ ଯୋଜନା ରଖିଛି । ଏହାପରେ ଅଭିନୟ କରିବି ।

–ଶିବାନୀ ମହାନ୍ତି

# ପ୍ରେମର ସୂକ୍ଷ୍ମ କଳା

## ଶୁଭ୍ରାଂଶୁ ଓ ବିଜନବାଳା



ପ୍ରେମ ଯତ୍ନ ନେଇ ଜାଣେ । ଦାମ୍ପତ୍ୟରେ ସେ ଯତ୍ନଭାବ ଆହୁରି ସୁକୁମାର ଓ ସୂକ୍ଷ୍ମ ହୋଇ ଉକୁଟେ। ଏହା ଏପରି ଏକ ଅଦୃଶ୍ୟ ପାରସ୍ପରିକ ପ୍ରକ୍ରିୟା ଯାହା କ୍ଷଣକୁ କ୍ଷଣ ଦୃଶ୍ୟମାନ ହେଉଥାଏ। ପ୍ରେମରେ ପଡ଼ିବା ବଡ଼ କଥା ନୁହେଁ କିନ୍ତୁ ପ୍ରେମ କହିଲେ ଯେଉଁ ଚାରାଟି ଅଙ୍କୁରୋଦ୍ଗମ ହୁଏ ତାକୁ ଯଥା ସମୟରେ ପାଣି ଓ ସାର ଦେଇ ବଞ୍ଚାଇବା ଏବଂ ବଢ଼ାଇବା ଯଥାର୍ଥରେ ଏକ କଳା। ଆମର ଏହି ସୁନ୍ଦର ଦମ୍ପତ୍ତି ଶୁଭ୍ରାଂଶୁ ପାଟଯୋଶୀ ଓ ବିଜନବାଳା ପାଟଯୋଶୀ ମିଳିତ ଭାବରେ ପାଳିଚାଲିଆନ୍ତି ସେହି ମୂର୍ତ୍ତିମନ୍ତ କଳା । ନିଜକୁ ଦେଖିଲାଦିନୁଁ ଅଙ୍କୁରିଥିବା ସେହି ଫୁଲର ମଞ୍ଜି କେବେ ଚାରା ହୁଏ, କେବେ ପୁଣି ବଢି ହୁଏ ମହାଦ୍ରୁମ ତାହା ଜାଣି ହୁଏନା। ହେଲେ ସେ ଗଛର ଫୁଲ ଫୁଟେ। ତାର ସେ ଅଦୃଶ୍ୟ ମହକ ସମ୍ମୋହିତ କରେ ଆଖପାଖର ପରିବେଶ। ପବନ ବି ପାଗଳ ହୁଏ ସେ ବାସ୍ନାରେ । ନିଜେ ବାର୍ତ୍ତାବହ ସାଜି ଖେଳାଇ ଦିଏ ଶାଶ୍ୱତ ଅନୁଭବର ସେହି ମହକ ଚଉଦିଗରେ। ସେମିତି କିଛି ମହକର ଅନୁଭବର କଥା କୁହନ୍ତି ଶୁଭ୍ରାଂଶୁ ଓ ବିଜନବାଳା।

ସାହିତ୍ୟ ହିଁ ଉଭୟଙ୍କ ସଂଯୋଗର ସେତୁ। ୧୯୯୩ ମସିହା ଅଗଷ୍ଟ ମାସ। ସେଦିନ ଥିଲା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ । ସ୍ଥାନ ଜ୍ୟୋତିବିହାର, ବୁର୍ଲା । ସେହି ଉପଲକ୍ଷେ ଆୟୋଜିତ କବିତା ପାଠୋତ୍ସବରେ ହିଁ ଉଭୟଙ୍କ ପ୍ରଥମ ସାକ୍ଷାତ। ବିଜନ କବିତା ସଂଯୋଜନାର ଦାୟିତ୍ୱରେ ଥିଲାବେଳେ ଶୁଭ୍ରାଂଶୁ ଥିଲେ ନିମନ୍ତ୍ରିତ କବି । ଶୁଭ୍ରାଂଶୁଙ୍କ କବିତା ଏବଂ ନାଁକୁ ମନେ ମନେ ପସନ୍ଦ କରିଯାଇଥିଲେ ବିଜନ । ବିଜନଙ୍କ ମନଜିଣା ହସ , ସଂଯୋଜନା ଶୈଳୀ ଏବଂ ଫୁର୍ତ୍ତିବାଜ ଅନ୍ଦାଜ ଆକର୍ଷିତ କରିଥିଲା ସ୍ୱଭାବରେ ଭାବଗମ୍ଭୀର ଶୁଭ୍ରାଂଶୁଙ୍କୁ । ପ୍ରାୟ ବର୍ଷେ ସରିକି ନିରବତା ମାଡ଼ି ବସିଥିଲା ବାଧା ସାଜି ଉଭୟଙ୍କ ଯୋଗାଯୋଗର ମାଧ୍ୟମରେ। କାରଣ ବି ଦରକାର ନିଜ ନିଜ ଭିତରେ ଗୁଡେଇଗୁଡେଇ ହେଉଥିବା ଅଦ୍ଭୁତ ଆକର୍ଷଣକୁ ପ୍ରକାଶ କରେଇବାର ମାର୍ଜିତ ମାଧ୍ୟମ ପାଇଁ। ସେ ଭିତରେ ଗୁଡ଼ାଏ ପୁରସ୍କାର ଏବଂ ସମ୍ମାନ ଅର୍ଜନ କରିସାରିଥିଲେ ବିଜନବାଳା ପାଟଯୋଶୀ। ସମ୍ବଲପୁର ରେଡ଼ିଓ ଯୁବବାଣୀ କାର୍ଯ୍ୟକ୍ରମରେ ତାଙ୍କର ଗୁଡାଏ ଗପ ପ୍ରସାରିତ ହୋଇ ଶ୍ରୋତାମହଲରେ ଆଦୃତ ହୋଇସାରିଥିଲା। ଖବର ରଖୁଥିଲେ ଶୁଭ୍ରାଂଶୁ । ପ୍ରାୟ ବର୍ଷେ ପରେ ୧୯୯୪ରେ 'ଅନନ୍ୟା' ପତ୍ରିକାର ପ୍ରକାଶନ ପରିପ୍ରେକ୍ଷୀରେ ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ ସହଯୋଗୀ ପରିଚାଳକ ଭାବରେ । ସାହିତ୍ୟ କାର୍ଯ୍ୟରୁ ବନ୍ଧୁତା ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରେମରେ ରୂପାନ୍ତରିତ ହେଇପାରିଥିଲା। ବିଜନଙ୍କ ସରଳ , ଛଳଛଳ ଭାବ ସହ ମନଖୋଲା ହସ, ଅନ୍ୟକୁ ଆପଣେଇ ନେବାର ବିଶେଷ ଗୁଣ ପ୍ରତି ଆକୃଷ୍ଟ ହୋଇଥିଲେ ଶୁଭ୍ରାଂଶୁ ଯେଉଁଠିକି ଗଭୀର ଭାବାବେଗ ରଖୁଥିବା ଶୁଭ୍ରାଂଶୁଙ୍କ ଭାବଗମ୍ଭୀର ବ୍ୟକ୍ତିତ୍ୱ, ଜୀବନ ପ୍ରତି ଉତ୍ତମ ଦୃଷ୍ଟିଭଙ୍ଗୀ, ଧୈର୍ଯ୍ୟ, ବନ୍ଧୁତାର ନିଷ୍ଠା ଦ୍ୱାରା ଆକୃଷ୍ଟ ହୋଇଥିଲେ ବିଜନ । ଶୁଭ୍ରାଂଶୁଙ୍କଠାରୁ ପାଞ୍ଚ ବର୍ଷ ବୟସରେ ସାନ ବିଜନଙ୍କ ସହ ଶୁଭ୍ରାଂଶୁଙ୍କ ପ୍ରାୟତଃ ଭେଟ ହୁଏ ଜ୍ୟୋତିବିହାରର ପାଠାଗାରରେ । ପଢ଼ିବାର ଝୁଙ୍କ ରଖୁଥିବା ଶୁଭ୍ରାଂଶୁଙ୍କର ଆନୁଷ୍ଠାନିକ ପାଠପଢ଼ା ସରିଥିଲାବେଳକୁ ବିଶ୍ୱବିଦ୍ୟାଳୟରେ ସେହି ମାତ୍ର ପାଦ ଥାପିଥିଲେ ବିଜନବାଳା। ପାଠାଗାରର ନିରବ ପ୍ରକୋଷ୍ଠ , ବହିମାନଙ୍କ ମନଖୋଲା ସହଯୋଗରେ ଆରମ୍ଭ ହୋଇଥିବା ପ୍ରେମ କାହାଣୀ ଜ୍ୟୋତିବିହାରର ରମ୍ୟ ପ୍ରକୃତି କୋଳରେ ଗଛ ଲତା ଫୁଲ ଫଳ ଚଢେଇଙ୍କ କିଚିରିମିଚିରି ସହ ଫର୍ଦ୍ଦ ପରେ ଫର୍ଦ୍ଦ ଲେଖିହେଲା , ଗତିଶୀଳ ହେଲା ଏବଂ କାହାଣୀର ଏକ ବିରାଟ ଅଧ୍ୟାୟ ସରିଲା ୨୦୦୦ ମସିହାରେ ଉଭୟଙ୍କ ବିବାହ ବନ୍ଧନରେ । ବିବାହ ପରବର୍ତ୍ତୀ ଅଧ୍ୟାୟରେ ପ୍ରଗାଢ ହୋଇଛି ପ୍ରେମର ଭାଷା ପାରସ୍ପରିକ ବୁଝାମଣା ଓ ସହଯୋଗରେ । ଉଭୟେ ଉଭୟଙ୍କ ପ୍ରଥମ ପାଠକ ଓ ସମାଲୋଚକ । ପାରିପାର୍ଶ୍ୱିକ ବାଧାବିପତ୍ତି ପାଇଁ ପରସ୍ପର ପରସ୍ପର ପାଇଁ ସାଜନ୍ତି ଢାଲ ଓ ତରବାରୀ ।





ପ୍ରେମ ପଥରେ କିଛି ସାମାଜିକ ବାଧା ଆସିଛିକି ପ୍ରଶ୍ନରେ ଦୁହେଁ ହସନ୍ତି । ବାଧା ନାହିଁ ତ ଅପାଶୋରା କିଭଳି ରହିବ ସମୟ ବୋଲି କୁହନ୍ତି ବିଜନବାଳା । ଶୁଭ୍ରାଂଶୁଙ୍କ ବ୍ୟବସାୟ ସହିତ ଓଡ଼ିଆ ସରକାରଙ୍କ ଅଧୀନରେ ଚାକିରୀ କରୁଥିବା ବିଜନଙ୍କ ପାରିବାରିକ ଦାୟିତ୍ୱ ସର୍ଜନ ଶୃଙ୍ଖଳାରେ ବନ୍ଧା। ଉଭୟେ ଉଭୟଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତି । ମାନି ନନେଇ ପାରିଲେ ଯୁକ୍ତିତର୍କରେ ସମୟକୁ ଖରାପ ନକରି ନିରବ ରୁହନ୍ତି। ବିଜନଙ୍କ ଭାଷାରେ ଯାହା ପାଣିଚିଆ ତାହା ପ୍ରେମ ପଥରେ ପ୍ରତିବନ୍ଧକ ନସାଜି ଗଡ଼ିଯାଏ ସମୟ ସୁଅରେ। ପ୍ରେମ ଥାଏ ସ୍ଥିର ଓ ନିଦା ହୋଇ ତା ବାଟରେ। ଉଭୟଙ୍କ ଭିତରେ ପାରସ୍ପରିକ ସହଯୋଗ ଖୁବ୍ ଦୃଢ଼ ଅଥଚ ସ୍ୱାଭାବିକ। ବେଳେ ବେଳେ କିଛି ନ କହି ବି ଦୁହେଁ ଠଉରେଇ ନେଇପାରନ୍ତି ପରସ୍ପରର ଭାବନା। ମାନ ଅଭିମାନ ତା ବାଟେ ଆସେ ଏବଂ ଭୁଲି ହୋଇଯାଏ ଯେମିତି କିଛି ହିଁ କେବେ ହୋଇନାହିଁ। ତଥାପି ଶୁଭ୍ରାଂଶୁ କୁହନ୍ତି, 'ସେ ଅଭିମାନ କଲେ ମନେଇବାକୁ ଭଲଲାଗେ ମତେ।' ଉଭୟଙ୍କ ଯୋଜନା ଅନେକ। ସମୟ କହିବ ଯୋଜନାର ରୂପରେଖ ବୋଲି କୁହନ୍ତି ବିଜନ। ପ୍ରେମ ଓ ବିବାହ ସମ୍ପର୍କରେ ଉଭୟେ କୁହନ୍ତି, 'ପ୍ରେମ ଏକ ସ୍ୱର୍ଗୀୟ ଅନୁଭବ ଯାହା ସମସ୍ତଙ୍କ ଭାଗ୍ୟରେ ପ୍ରାପ୍ତ ହୋଇ ନଥାଏ। ଅଥଚ ପ୍ରେମର ଏକ ଅଦୃଶ୍ୟ ରଜ୍ଜୁରେ ଆମେ ସମସ୍ତେ ବାନ୍ଧି ହୋଇ ରହିଥାଉ। ଆଉ ବିବାହ! ବିବାହ ଯେଉଁ ପ୍ରକାରର ହେଉନା କାହିଁକି ମୋ' ମତରେ ପ୍ରେମ ହିଁ ପ୍ରତିଟି ବିବାହର ମୂଳଦୁଆ ହେବା ଉଚିତ ନହେଲେ ସେ ବିବାହ କେବେବି ସଫଳ ହୋଇ ପାରିବ ନାହିଁ । ଏ ପରିପ୍ରେକ୍ଷୀରେ ଆମେ ଦୁହେଁ ଭାଗ୍ୟଶାଳୀ ।'





– ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଡ୍ସ,
ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯



## ପ୍ରେମ

-ନିବେଦିତା ନନ୍ଦ

ଦିନ ରାତିରେ ମିଶୁଥିବାବେଳେ
ଅନ୍ଧାର ଆଲୋକରେ ଲୀନ
ହେବାବେଳେ
ଫୁଲ ଫୁଟିବା କ୍ଷଣରେ
ବାସ୍ନା ଚହଟିଲା ବେଳେ
ଆକାଶରେ ମେଘ ଉଇଁବା
ବର୍ଷା ମାଟିକୁ ପୁଲକାଇବାରେ
ମଞ୍ଜି ଗଜେଇବା
ଗଛ ସାବ୍ରେଇବାରେ
ଭୋକିଲାକୁ ଭାତ ଆଉ ଶୋଷିଲାକୁ
ପାଣି ଟିକେ ପରଶିଲା ବେଳେ।
ଯେତେବେଳେ ବି ମୁଣ୍ଡ ନୁଆଇଁଛି
ଈଶ୍ୱରଙ୍କ ସାମ୍ନାରେ
ବାରିଛି ତା' ଉପସ୍ଥିତି
ଆଖପାଖରେ।

ପ୍ରେମ ବୋଲି ଆଜିଯାଏ ଯେତିକି
ଭୋଗିଛି
ଆଲୁଅକୁ ମୁଠେଇ ତମାମ ଜୀବନ
ଅନ୍ଧାରର ସତକୁ ପାଇଛି ।

ପ୍ରେମ ଏକ ବାସ୍ନା
ଫୁଲବନ ନୁହେଁ ତା ଠିକଣା
ବାସ୍ନାକୁ ବନ୍ଦୀ କରିବା
କୌଶଳ ଫୁଲକୁ ଅଜଣା।
ଅତର ଗନ୍ଧ ପଛରେ
ଫୁଲ ସହେ ଅନେକ ଦହନ
ଦୁଃଖର ବଳୟ ମଧ୍ୟେ
ଅନୁକ୍ଷଣ ସୁଖ ଆଲିଙ୍ଗନ
ପ୍ରେମ, ଫୁଲ ହୋଇ ଫୁଟେ
ଜିଇଁ ଯାଏ ନିଗିଡ଼ା ଜୀବନ।

-ବାସନ୍ତୀ କଲୋନୀ , ରାଉରକେଲା
ମୋ: ୮୨୪୯୪୪୨୫୭୩

## ସ୍ୱୀକାରୋକ୍ତି

-ଲିନା ରାଣୀ ଧଳ ମଙ୍ଗରାଜ

ପଚିଶ ବର୍ଷ ପରେ ତା' ସହିତ ମୋ'ର ଦେଖା ହେଲା, ସ୍କୁଲର ଗୋଟିଏ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ। କେତେ ମୁହୂର୍ତ୍ତ, କେତେ ଦିନ, କେତେ ମାସ ସେସବୁର ହିସାବ ବାହାରେ ତା' ଚେହେରା ଏତେ ଟିକେ ବି ବଦଳି ନଥିଲା, ନାଁ ମୁଁ ବଦଳି ଥିଲି ଖାଲି ଯାହା ସମୟ ତା' ମୁହୂର୍ତ୍ତମାନଙ୍କର ପର୍ଦ୍ଦାକୁ ଟାଣିଆଣି ମୁହଁର ତେଜ ଆଉ ଚମକକୁ ଆମର ଢାଙ୍କି ଦେଇଥିଲା। ଏକା ସହରରେ ରହି ମଧ୍ୟ ସ୍କୁଲ ପରେ ଆମେ କେବେ କାହାକୁ ଭେଟିନୁ। ଯଦିଓ ଆମେ ସ୍କୁଲରେ ସବୁଠୁ ଭଲବନ୍ଧୁ ଥିଲୁ ଏବଂ ପରସ୍ପରକୁ ବେଷ୍ଟଫ୍ରେଣ୍ଡ କହୁଥିଲୁ।

ସେ ମୋତେ ଦେଖି ଏତେ ଖୁସି ହୋଇଯାଇଥିଲା ଯେ କେତେ କ'ଣ ଗପୁଥିଲା....। କେମିତି କଲେଜ୍ ପରେ ପରେ ସେ ହାୟର ଷ୍ଟଡିଜ ପାଇଁ ବାହାରକୁ ଯାଇଥିଲା। ତାପରେ ଚାକିରୀ ପୁଣି ବାହାଘର ..। ଆଉ ଏବେ ବ୍ୟବସାୟରେ ସେ କେମିତି ସମୟ ପାଉନି..। ମୁଁ ତା ଖୁସି ପାଖେ ଅସ୍ଥିର ଥିଲି । କହୁ କହୁ କହିପକେଇଲି ଯେ ସେ ବୋଧେ ମୋ' ଜୀବନର ପ୍ରଥମ ପ୍ରେମ ଥିଲା ଯାହା ଡେରିରେ ବୁଝିଲି। ଯେତେବେଳେ ଆଉ ଜଣେ ପୁରୁଷ ମୋ' ଜୀବନକୁ ସ୍ୱାମୀ ହୋଇ ଆସିଲେ ସେତେବେଳେ ତାକୁ ମୁଁ ମନେ ପକାଇଲି। ସେ ମୋତେ ଦେଉଥିବା ଗୁରୁତ୍ୱ ମୁଁ ମୋ ସ୍ୱାମୀଙ୍କ ପାଖରୁ ଖୋଜି ହେଉଥିଲି। ସେ ଖୁବ୍ ଧ୍ୟାନର ସହିତ ଶୁଣିଲା କିନ୍ତୁ କିଛି ଉତ୍ତର ଦେଲାନି। ସେ ସ୍କୁଲରେ ମୋତେ ବିଏଫ୍ (ବେଷ୍ଟ ଫ୍ରେଣ୍ଡ୍) ବୋଲି ଡାକେ ଆଉ କୁହେ ଯେ ସେ ମୋର ବେଷ୍ଟ ଫ୍ରେଣ୍ଡ୍ ଥିଲା, ଅଛି ଏବଂ ସାରା ଜୀବନ ରହିବ କିନ୍ତୁ ଏବେ କିଛି କହିଲାନି। ମୋତେ ଭଲ ଲାଗିଲାନି। ମୋତେ ଲାଗୁଥିଲା ମୋ' ବେଷ୍ଟ ଫ୍ରେଣ୍ଡ ମୋ' ଭିତରର ଏଇ କହି ହୋଇପାରି ନଥିବା ନିରୁତା ଅନୁଭବଟିକୁ ବୁଝିବ। ମୁଁ ଜଣେଇବାକୁ ଯାଇ ଭଲ ବନ୍ଧୁଟେ ହରେଇଦେବାର ଗ୍ଲାନିରେ ଛଟପଟ ହେଲି । ସେ ଏବେ କେତେ ବଡ ଲୋକ ହୋଇଯାଇଛି। କେତେ ଜଣାଶୁଣା, ସାଙ୍ଗସାଥୀ ସବୁ ତା' କମ୍ପାନୀରେ ଚାକିରୀ କରୁଛନ୍ତି। ମୋତେ ବହୁତ ଖରାପ ଲାଗୁଥିଲା ସେ ମୋତେ କ'ଣ ଭାବୁଥିବ ଭାବି ! ଲୋଭି କି ମତଲବୀ ବୋଲି ନିଶ୍ଚୟ ଭାବୁଥିବ। କଥା ହେଲା ବେଳେ ମୁଁ ବୟସ, ମାନସମ୍ମାନକୁ ଆଖିରେ ରଖି ପାରିନଥିଲି । ତା'ର ଭରପୂର ସଂସାର, ମୋତେ ମିଳିଥିବା ସୁନ୍ଦର ସଂସାର କଥା ଭାବିବାର ଥିଲା କି ! ମୁଁ କେବଳ ଜଣେଇବାକୁ ଚାହିଁଥିଲି କାରଣ ସେ ମୋର ବେଷ୍ଟ ଫ୍ରେଣ୍ଡ ଥିଲା । ପ୍ରେମ ଆଉ କ'ଣ ଯେ ବନ୍ଧୁତା ତ ! ମୋ' ଆଖିରେ ଲୁହ ଭର୍ତ୍ତି ହୋଇଯାଉଥିଲା ଏମିତି ଭାବୁ ଭାବୁ । ତିନି ଚାରି ଦିନ ଖାଇପାରିଲିନି, ଶୋଇପାରିଲିନି। ସେ କାହାକୁ ଏସବୁ କହି ହସୁ ନଥିବ ତ !

ତା'ର ଫୋନ୍ ଆସିଲା କିଛିଦିନ ପରେ। ମୁଁ ଡରିଗଲି। କେଜାଣି କ'ଣ କହିବ। ଡର ଲାଗୁଥିଲା। ଫୋନ୍ ଉଠେଇଲି। କିଛି କହିବା ପୂର୍ବରୁ ସେ କହିଲା, 'କଥା ହେବି ହେବି ବୋଲି ହୋଇ ପାରୁ ନଥିଲିରେ। ତୁ ସେମିତି ଅଛୁ ସ୍ୱଷ୍ଟ, ସରଳ ଆଉ ସୁନ୍ଦର। କେଡ଼େ ସହଜରେ କହିପାରିଲୁ ତୁ ତୋର କଥା ଯେଉଁ କଥାକୁ କହିବି କହିବି ହୋଇ ସ୍କୁଲରୁ ଆଜିଯାଏଁ ମୁଁ ଭାଷା ଏବଂ ସମୟ ଖୋଜୁ ଖୋଜୁ ସମୟ ପାଇଁ ସମୟ ହିଁ ନାହିଁ ।

-ମାର୍ଫତ:ଏଲ୍.କେ ମଙ୍ଗରାଜ
ଶତାବ୍ଦୀ ନଗର, ୟୁନିଟ୍ ୮, ଭୁବନେଶ୍ୱର
ମୋ: ୮୨୪୯୦୮୩୪୭୭

## ଅଙ୍ଗୀକାର

- ସବ୍ୟସାଚୀ ବିଷୋୟୀ

ତୁମକୁ ପାଇବା ନପାଇବା
ମୋ ଭାଗ୍ୟ
କିନ୍ତୁ ତୁମ ପ୍ରତି ପ୍ରେମ ହେବା
ମୋ ଅର୍ଜିତ ପୁଣ୍ୟଫଳ।

ଦେହର ତାତିରେ ସିଝିନି
ଆଖି କେବେ ଲୁହରେ ଭିଜିନି
ଆବେଗରେ ହୃଦୟକୁ
ସଜାଉଥାଏ ତୁମ ଲାଗି।

ପ୍ରେମ ଏବେ ମୋ ନିଶ୍ୱାସରେ
ମୋ ବିଶ୍ୱାସରେ
ପ୍ରେମ ଏବେ ମଳୟ ହୋଇ
ମୋ ପ୍ରିୟ ସହରରେ।
ତୁମକୁ ଛୁଇଁଥିବା ପବନ
କଥା କୁହେ, ଗୀତ ଗାଏ
ମତେ ଆଲୋକିତ କରେ
କିଏ କହେ ପ୍ରେମରେ ପଡ଼େ ବୋଲି !
ମୁଁ କେବଳ ଗଢ଼ି ହେଉଥାଏ ।

-କନ୍ଧମାଳ(ନବରଙ୍ଗପୁର)
ମୋ - ୯୩୪୮୩୩୮୬୭୬



# ମିଳିଗଲେ ଯୋଗ ଗୁରୁ



ଅର୍ଜୁନ କପୁର

ଅର୍ଜୁନ କପୁର ଜଣେ ଯୋଗ ଗୁରୁ ସନ୍ଧାନରେ ଥିଲେ। ହେଲେ ଏପରି ଗୁରୁ ଯେ ତାଙ୍କର ହାତ ପାଆନ୍ତାରେ ଅଛନ୍ତି ତାହା ସେ ଜାଣି ନ ଥିଲେ। ସେ କିଏ ଜାଣନ୍ତି ମଲାଇକା ଆରୋରା। ଦୁହିଁଙ୍କ ଭିତରେ ଥିବା ପ୍ରେମ ସମ୍ପର୍କ ହୁଏତ କାହାକୁ ଅଜଣା ନାହିଁ। ଥରେ ଯୋଗ ବିଷୟରେ ମଲାଇକାଙ୍କ ସହ ସେ ଆଲୋଚନା କରୁଥିଲେ। ଜଣେ ଯୋଗ ଗୁରୁ ଖୋଜି ଦେବାକୁ ତାଙ୍କୁ କହିଥିଲେ। ହେଲେ ମଲାଇକା ନିମିଷକ ମଧ୍ୟରେ ତାଙ୍କର ଏହି ସମସ୍ୟାର ସମାଧାନ କରିଦେଇଥିଲେ। ଅର୍ଥାତ୍, ଅର୍ଜୁନଙ୍କ ଯୋଗ ଗୁରୁ ସାଜିବାକୁ ସେ ନିଜପଟରୁ ପ୍ରସ୍ତାବ ଦେଇଥିଲେ। ଆଉ ମଲାଇକାଙ୍କ ପ୍ରପୋଜାଲ୍‌କୁ ବା ସେ କେମିତି ଏଡାଇ ଦିଅନ୍ତେ। ଏବେ ତାଙ୍କ ନିକଟରୁ ସେ ଯୋଗ ଶିକ୍ଷା କରୁଛନ୍ତି। ଅର୍ଜୁନ କହନ୍ତି, 'ନିଜକୁ ଫିଟ୍ ରଖିବା ପାଇଁ ମୁଁ ଏକ୍ସରସାଇଜ ଉପରେ ଗୁରୁତ୍ୱ ଦିଏ। ତା' ସହ ଖାଦ୍ୟାପେୟ ପ୍ରତି ସତର୍କ ରହେ। ଫିଟ୍ ଆଣ୍ଡ ଫାଇନ୍ ରହିବା ପଛରେ ଯୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏବେ ମୁଁ ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରଛି। ଏ ବିଷୟରେ କିପଣି ସବିଶେଷ ତଥ୍ୟ ଜାଣିବି ସେ ନେଇ ମୁଁ ଟିକେ ଚିନ୍ତାରେ ପଡିଥିଲି। ହେଲେ ମୋ ମୁଣ୍ଡକୁ ଏକ ଆଇଡିଆ ଜୁଟିଲା। ମୁଁ ଯେତେବେଳେ ମଲାଇକାଙ୍କୁ ଏ ନେଇ କହିଲି ସେ ମୋ କଥା ଶୁଣି ମୁରୁକି ହସିଦେଲେ। ତା'ପରେ ସେ ମୋ ଯୋଗ ଗୁରୁ ହେବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ମୁଁ ଆନନ୍ଦର ସହ ଗ୍ରହଣ କରିଥିଲି।'

# ପୁଣି ଥରେ 'ବଡେ ମିଆଁ ଛୋଟେ ମିଆଁ'



ଅକ୍ଷୟ କୁମାର
ଟାଇଗର ଶ୍ରଫ

ହିନ୍ଦୀ ସିନେମା 'ବଡେ ମିଆଁ ଛୋଟେ ମିଆଁ'କୁ ନେଇ ଚର୍ଚ୍ଚା। ବାସୁ ଭଗନାନିଙ୍କ ପ୍ରଯୋଜିତ ଏବଂ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ଗୋବିନ୍ଦା, ରବିନା ଟଣ୍ଡନ, ରମେୟା କ୍ରିଷ୍ଣା ପ୍ରମୁଖ କଳାକାର ଅଭିନୟ କରିଥିଲେ। ୧୯୯୮ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ୯କୋଟିରେ ପ୍ରସ୍ତୁତ ହୋଇ ୩୪ କୋଟିର ବିଜନେସ୍ କରିଥିଲା। ହେଲେ ଏବେ ପୁଣି ଥରେ ଅଲ୍ଲୀ ଆବାସ ଜାଫର ଏକା ଟାଇଟଲକୁ ନେଇ ଆଉ ଏକ ସିନେମା ନିର୍ମାଣ କରୁଛନ୍ତି। ଖାସ୍ କଥା ହେଲା, ଏଥର ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ। ଏ ନେଇ ଟାଇଗର କହନ୍ତି, 'ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ତୁଲାଇବାକୁ ଶତ ପ୍ରତିଶତ ଚେଷ୍ଟା କରିବି। ଏହି ଫିଲ୍ମରେ ମୋତେ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଅକ୍ଷୟଙ୍କ ସହ ମୋ ଯୋଡିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରହିଛି। 'ବଡେ ମିଆଁ ଛୋଟେ ମିଆଁ' ଆସନ୍ତା ବର୍ଷ ଖ୍ରୀଷ୍ଟମାସରେ ରିଲିଜ ହେବାର ଯୋଜନା ରହିଛି।

# ମନ କଥା କହିବ ଲଗାମ



ତମନ୍ନା

କରୋନା ମହାମାରୀ କାୟାରେ ଏବେ ମଧ୍ୟ ସମଗ୍ର ବିଶ୍ୱ କବଳିତ। ତେବେ ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାହା ନ କହିବା ଭଲ। ସେପରି ଏକ ସାଂପ୍ରତିକ କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଲଗାମ୍'। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିଛନ୍ତି ନବାଗତ ରଞ୍ଜିତ କୁମାର ସାହୁ। ତା'ସହ ଏହାର ପ୍ରଯୋଜନା ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଏହି ଫିଲ୍ମ ସମ୍ପର୍କରେ ଏହାର ନିର୍ଦ୍ଦେଶକ ପିନୁ ନାୟକ କହନ୍ତି, ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟିଏ ନିର୍ମାଣ କରିବା ପୂର୍ବରୁ ମୁଁ ଏବଂ କାହାଣୀକାର ତଥା ପ୍ରଯୋଜକ ରଞ୍ଜିତ କୁମାର ସାହୁ ବିଷଦ ଭାବରେ ଆଲୋଚନା କରିଥିଲୁ। କାରଣ କାହାଣୀକୁ କିପରି ଠିକ୍ ଭାବରେ ଉପସ୍ଥାପନା କରାଯାଇପାରିବ ସେ ନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ଏହାର କାହାଣୀରେ ସସପେନ୍ସ, ଡ୍ରାମା, ଲଭଷ୍ଟୋରୀ, କମେଡି ରହିଛି। ମୋଟ ଉପରେ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରହିଛି। ଉକ୍ତ ଫିଲ୍ମରେ ପ୍ରବାସୀ ଶ୍ରମିକ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର ଏବଂ ତାଙ୍କର ନାୟିକା ସାଜିଛନ୍ତି ତମନ୍ନା। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ପ୍ରଦ୍ୟୁମ୍ନ ଲେଙ୍କା, ଉମାକାନ୍ତ ମୁଦୁଲି, ପୃଥ୍ୱୀରାଜ ଆଚାର୍ଯ୍ୟ ଆଦି କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।

# ଏବେ ବି ମନେ ପଡୁଛି



କ୍ରିତି

କାଜଲ ଅଗ୍ରୱାଲଙ୍କର ବେଶ୍ କିଛି ବର୍ଷ ତଳେ ଅଭିନୟ କରିଥିବା ତେଲୁଗୁ ଫିଲ୍ମ 'ଆତାଦିସ୍ତା'ର ଶୁଟିଂ ସମୟର ଘଟଣା ଏବେ ବି ମନରେ ସତେଜ ହୋଇ ରହିଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଥିଲେ ନିତୀନ। ଏହି ଯୋଡି ବ୍ୟତୀତ ରଘୁବରଣ ଏବଂ ନାଗାବାବୁଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା। ସେହି ସମୟରେ ଏକ ଘଟଣା ନେଇ କାଜଲ କହନ୍ତି, 'ଥରେ ଗୋଟିଏ ଶଟ୍ ପାଇଁ ମୋର ବାରମ୍ବାର କଟ୍ ହେଉଥାଏ। ଏତିକି ବେଳକୁ ନୀତିନ ମୋ ପାଖକୁ ଆସି ମୋତେ କିଛି କହିଲେ। ସେପଟେ ନିର୍ଦ୍ଦେଶକ ମଧ୍ୟ ମୋତେ ଏହି ଶଟ୍ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ଘଣ୍ଟାଏ ସମୟ ଦେଲେ। ବାସ୍, ସେହି ସମୟ ଭିତରେ ଏହି ଶଟ୍‌କୁ ନେଇ ମୋ ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ତାହାକୁ ସହଜରେ ନିତୀନ ସମାଧାନ କରିଦେଇଥିଲେ। କେବଳ ସେତିକି ନୁହେଁ, ଏହି ଶଟ୍‌ଟି ମଧ୍ୟ ଏକାଥରେ ଓକେ ହୋଇଥିଲା।' ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ସି. କଲ୍ୟାଣ ଏବଂ ଏସ. ବିଜୟାନନ୍ଦ। ନିର୍ଦ୍ଦେଶନା ଦେଇଥିଲେ ଏ.ଏସ. ରବିକୁମାର। ଖାସ୍ କଥା ହେଲା ଏହା ରଘୁବରଣଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା।



ନିତୀନ-କାଜଲ ଅଗ୍ରୱାଲ

# ଦୋଛକିରେ କ୍ରିତି

କ୍ରିତି ସାନନ୍ ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ପରେ ପୁଣି ଥରେ ମନ ବଦଳାଇ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତ ଯୋଡାଯାଇଛି। ପୁଣି ସେଥିରେ ନାଚିବାକୁ କ୍ରିତିଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ କ୍ରିତି କହନ୍ତି, 'ଏହି ଫିଲ୍ମରେ ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ଡିସିସନ ନେବି।'

# ତାପସୀଙ୍କ ନୂଆ ଯୋଜନା

ତାପସୀ ପାନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ସହ ସେ ଆଉ ଏକ କ୍ଷେତ୍ରରେ ପାଦ ରଖିବାକୁ ଯାଉଛନ୍ତି। ତାହା ହେଲା ପରିବେଶ ସୁରକ୍ଷା। କେବଳ ସେତିକି ନୁହେଁ, ଏଥିପାଇଁ ସେ ଏକ ଗ୍ରୁପ୍ ଗଠନ କରିଛନ୍ତି। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ତାପସୀ କହନ୍ତି, 'ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ପରିବେଶ ସୁରକ୍ଷା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ କେତେ ଜଣ ନାମୀ ପରିବେଶବିତଙ୍କ ସହ ଆଲୋଚନା କଲି। ଏବେ ନିଜକୁ ମୁଁ ଏ କାମରେ ସାମିଲ କରିବି। ମୋର କେତେ ଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଆମେ ଏକାଠି ହୋଇ ପରିବେଶ ସୁରକ୍ଷା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବୁ। ତା' ସହ ପରିବେଶ ସୁରକ୍ଷା ନେଇ ଏକ ସର୍ଟ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।' ତେବେ ଏ କ୍ଷେତ୍ରରେ ତାପସୀ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ତାପସୀ

# ମନରେ ଲାଗିଲେ ପ୍ରେମର ଡେଣା, ଘଡିକେ କରଇ ବାଟ ବଣା

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ତା'ପରଠୁ ମୋ ମନ ଭାରି ଖୁସି ଲାଗୁଛି। ଏପରି ଲାଗୁଛି ସତେଯେମିତି ମୁଁ ତା' ପ୍ରେମରେ ପଡିଯାଇଛି। ଏବେ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ଅଜୟ କୁମାର ସାହୁ, ପାରାଦୀପ, ଜଗତସିଂହପୁର*

**ଉତ୍ତର :** ମନରେ ଯେତେବେଳେ ପ୍ରେମର ଲହଡି ଆସେ ସେତେବେଳେ ତାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। କାରଣ ଏହି ନିଶା ଥରେ ଘାରିଲେ ତାହା ସହଜରେ ତଳ ମୁହାଁ ହୋଇ ନ ଥାଏ। କାରଣ 'ମନରେ ଲାଗିଲେ ପ୍ରେମର ଡେଣା, ଘଡିକେ କରଇ ବାଟ ବଣା'। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ପାଦ ପକାଇବାକୁ ହୋଇଥାଏ। ନ ହେଲେ ମନ ଆପଣଙ୍କୁ ଏପରି ରାସ୍ତାରେ ନେଇଯାଏ, ଯାହାଠାରୁ ପ୍ରେମ ଅନେକ ଦୂରରେ ରହିଯାଏ। ତେଣୁ ତରବର ନ ହୋଇ ଦେଖିଚାହିଁ ଆଗାନ୍ତୁ। ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ, ଯେମିତି ଏକାଥରେ ସେ କ୍ଲିନ୍ ବୋଲ୍ଡ ହୋଇଯିବ। ଆଉ ତା'ପରେ ଖାଲି ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି ?

**ପ୍ରଶ୍ନ–**ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ?

*–ଅମିତ କୁମାର, ପୁରୀ*

**ଉତ୍ତର :** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରିବାର କିଛି କାରଣ ନାହିଁ। କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ଯା ଭିତରେ ମୁଁ ୩-୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲିଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*–ଅମର କୁମାର ଦାସ, କଟକ*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ ? ପୁରୁଣା ଘା'କୁ ଉଖୁରାଇଲେ କେବଳ ଯନ୍ତ୍ରଣା ହୁଏ ସିନା ହେଲେ ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩-୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ସେହି ପ୍ରେମ ଧୀରେ ଧୀରେ ମଉଳି ଗଲାଣି। ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବର ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକସେସ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରେ ବାଡି ବୁଲାଇବା ପରି ହେବ।

**ପ୍ରଶ୍ନ–ସାଙ୍ଗ କଥାରେ** ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ସୁମନ ରାଉତ, ଭୁବନେଶ୍ୱର*

**ଉତ୍ତର :** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥା ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !




## ପ୍ରଥମ ରୋଜଗାର

ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ **ବିଜୟ ଚୌଧୁରୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ପ୍ରଥମ ଦରମା ଟଙ୍କା ବୋଉ ହାତରେ ଦେଇଥିଲି

ନୟାଗଡ଼ରେ ମୋ ଜନ୍ମ। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ନୟାଗଡ଼ କଲେଜରେ ଆଇ.ଏ ଓ ବି.ଏ ପଢିଥିଲି। ତା'ପରେ ବାଣୀବିହାରରେ ଓଡ଼ିଆରେ ପି.ଜି କଲି। ପି.ଜି ସରିବା ପରେ ଓଡ଼ଗାଁସ୍ଥିତ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଅଧ୍ୟାପନା କରିବାର ସୁଯୋଗ ପାଇଲି। ସେତେବେଳେ ଉକ୍ତ କଲେଜଟି ପରିଚାଳନା ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିଲା। ତେଣୁ ମାସ ଶେଷକୁ ଉକ୍ତ ସମିତି ତରଫରୁ ମୋତେ ୩୦୦ ଟଙ୍କା ଦରମା ମିଳିଲା ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଏହି ଟଙ୍କାଟିକୁ ସିଧା ନେଇ ମୋ ବୋଉ ହାତରେ ଦେଇଥିଲି। କାରଣ ମୋ ନନା ଥିଲେ ଜଣେ ଦରଜୀ। ତା'ସାଙ୍ଗକୁ ଆମେ ପାଞ୍ଚ ଭାଇଭଉଣୀ ( ତିନି ଭାଇ ଓ ଦୁଇ ଭଉଣୀ)। ସମସ୍ତଙ୍କଠାରୁ ମୁଁ ଥିଲି ବଡ଼। ଘରର ଦୁର୍ବଳ ଆର୍ଥିକାବସ୍ଥା ପାଇଁ ନନା ଚାହୁଁଥିଲେ ମାଟ୍ରିକ୍ ପରେ ପଢା ବନ୍ଦ କରି ମୁଁ ଚାକିରି କରେ। ଇଚ୍ଛା ନଥିଲେ ବି ପଢା ବନ୍ଦ କରି ମୁଁ ଫରେଷ୍ଟ ଗାର୍ଡ ଚାକିରି ସକାଶେ ଇଣ୍ଟରଭ୍ୟୁ ଦେଲି। ସବୁ ଠିକ୍‌ଠାକ୍ ଥିଲା, ହେଲେ ମୋର ଉପଯୁକ୍ତ ବୟସ ହୋଇ ନଥିବାରୁ ସେ ଚାକିରିଟି ମୋତେ ମିଳିଲା ନାହିଁ। ତେଣୁ ପୁଣି ପାଠ ପଢିବାକୁ ମନ ବଳାଇଲି। ଏ କ୍ଷେତ୍ରରେ ମୋ ବୋଉ ମୋତେ ସାହାଯ୍ୟ କରିବାକୁ ଆଗେଇ ଆସିଲା। ଗାଈ କ୍ଷୀର ବିକି ସେ ମୋତେ ପାଠ ପଢାଇଲା ଆଉ ମୁଁ ପଢିଚାଲିଲି। ତେଣୁ ମୋ ରୋଜଗାର ଉପରେ ବୋଉର ପ୍ରଥମ ଅଧିକାର ଥିବା ଭାବି ତା' ହାତରେ ନେଇ ଟଙ୍କାକୁ ଦେଇଥିଲି। ହେଲେ ସିଏ ରଖିଲା ନାହିଁ, ମୋତେ ଟଙ୍କାଟିକୁ ଫେରାଇ ଦେଇ କହିଲା– 'ମୋର ଏ ଟଙ୍କା କ'ଣ ହବ, ତୁ ସବୁଦିନ ବସ୍‌ରେ ନୟାଗଡ଼ରୁ ଓଡଗାଁ ଯିବାଆସିବା କରୁଛୁ, ତେଣୁ ଏ ଟଙ୍କା ତୁ ରଖ ତୋର କାମରେ ଆସିବ।' ଏମିତି ହିଁ ଥିଲା ମୋ ବୋଉ। ତା'ରି ଆଶୀର୍ବାଦ ଯୋଗୁ ୧୯୮୦ରୁ ୧୯୯୨ ମସିହା ଯାଏଁ ମୁଁ ଉକ୍ତ କଲେଜରେ ଅଧ୍ୟାପନା କରିଥିଲି। ଅବଶ୍ୟ ତା'ରି ଭିତରେ ତିନି ଥର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ବି ଦାୟିତ୍ୱ ତୁଲାଇଥିଲି ଏବଂ ୧୯୮୮ରୁ ୟୁଜିସି ସ୍କେଲ୍‌ରେ ଦରମା ମଧ୍ୟ ପାଉଥିଲି। ତେବେ ଜାନୁୟାରୀ ୮, ୧୯୯୩ରେ ନୟାଗଡ଼ କଲେଜକୁ ମୋର ବଦଳି ହେଲା ଏବଂ ଅଗଷ୍ଟ ୩୧, ୨୦୧୪ରେ ମୁଁ ପ୍ରାଧ୍ୟାପକ ଭାବେ ଚାକିରୀରୁ ଅବସର ନେଲି। ଅବଶ୍ୟ ତା'ରି ଭିତରେ ୨୦୦୩ରେ ମୁଁ 'ପ୍ରୟୋଗବାଦୀ ନାଟ୍ୟଧାରା ଓ ନାଟ୍ୟକାର ବିଜୟ ମିଶ୍ର'ଙ୍କ ଉପରେ ଥେସିସ୍ ଲେଖି ଡକ୍ଟରେଟ୍ ଡିଗ୍ରୀ ହାସଲ କରିସାରିଥିଲି।

ଚାକିରି ଜୀବନ ବାଦ୍ ସାହିତ୍ୟ ଓ ନାଟକ ପ୍ରତି ମଧ୍ୟ ମୋର ଦୁର୍ବଳତା ଥିଲା ଆଉ ରହିଛି। ଯା' ଭିତରେ ମୋ ଲିଖିତ ସହସ୍ରାଧିକ କବିତା ଏବଂ ସାହିତ୍ୟର ବିଭିନ୍ନ ବିଭାଗକୁ ନେଇ କରାଯାଇଥିବା ଆଲୋଚନା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପିରିକି 'ବିଜୟ ମିଶ୍ରଙ୍କ ନାଟକରେ ପରୀକ୍ଷା ଓ ପ୍ରୟୋଗ', 'ପ୍ରବାଦ ପୁରୁଷ ଯଦୁମଣି', 'ଓଡ଼ିଆ ସାହିତ୍ୟର ସଂକ୍ଷେପ ଆକଳନ' ନାମରେ ୩ଟି ପୁସ୍ତକ ଏବଂ ପ୍ରଫେସର୍ ଡ. ନାରାୟଣ ସାହୁଙ୍କ ଲିଖିତ ନାଟକ ସବା ଶେଷ ଲୋକକୁ ସମୀକ୍ଷା କରି ଏକ ସମୀକ୍ଷା ପୁସ୍ତକ ମଧ୍ୟ ରଚନା କରିସାରିଛି। ଏହାଛଡ଼ା ନାଟ୍ୟ ନିର୍ଦ୍ଦେଶକ ଭାବେ ବି ମୋର ଭିନ୍ନ ଏକ ପରିଚୟ ରହିଛି। ସ୍କୁଲ୍‌ରେ ପଢିଲାବେଳେ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲି। ବିଶେଷକରି ନାରୀ ଚରିତ୍ରରେ ଅଭିନୟ କରିବାରେ ମୁଁ ଥିଲି ବେଶ୍ ପାରଙ୍ଗମ। ସେଥିପାଇଁ ବାଣୀବିହାରରେ ପଢିଲାବେଳେ ନାଟକରେ ଅଭିନୟ କରି ବେଷ୍ଟ ଆକ୍ଟର୍‌ର ଆୱାର୍ଡ ପାଇଥିଲି। ପିଜି ପଢା ଶେଷ ପର୍ଯ୍ୟନ୍ତ ମୁଁ ନାଟକରେ ଅଭିନୟ କରିବା ଜାରି ରଖିଥିଲି। ହେଲେ ଅଧ୍ୟାପକ ହେଲା ପରେ ଆଉ ଅଭିନୟ ନ କରି ନାଟକ ଲେଖିବା ଓ ନିର୍ଦ୍ଦେଶନା ଦେବାକୁ ଅଣ୍ଟା କଷିଲି। ସେବେଠାରୁ ଏହି ଧାରା ମୋର ଜାରି ରହିଛି। ଯା' ଭିତରେ ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ କେତୋଟି ନାଟ୍ୟ ପୁସ୍ତକ ମୋର ପ୍ରକାଶିତ ହୋଇସାରିଲାଣି। ତା'ସହିତ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ହିସାବରେ କଟକ ଇଣ୍ଟରନ୍ୟାସନାଲ୍ ଥିଏଟର୍ ଅଲମ୍ପିଆଡ୍ ତରଫରୁ ୨୦୧୮ରେ ମୋତେ ନାଟ୍ୟ ଭୂଷଣ ଉପାଧି ବି ମିଳିସାରିଲାଣି। ତେଣୁ ଆଜି ମୁଁ ଯେଉଁ ସ୍ଥାନରେ ପହଁଞ୍ଚିପାରିଛି ସେଥିପାଇଁ ଭଗବାନ ଓ ମୋ ନନାବୋଉଙ୍କ ଆଶୀର୍ବାଦକୁ ହିଁ ଶ୍ରେୟ ଦେବି।


**–ଅନ୍ୱିତା**





# ପ୍ରେମର ପ୍ରତୀକ

**କେଉଁଠି କିପରି ପ୍ରେମ ହୋଇଯାଏ ତାହା କାହାକୁ ଜଣା ନଥାଏ । ଏମିତି କେହି ନାହାନ୍ତି ଯାହାଙ୍କୁ ପ୍ରେମ ଛୁଇଁପାରି ନାହିଁ। ତେବେ ପ୍ରେମର ସ୍ୱରୂପ ଭିନ୍ନଭିନ୍ନ । ପ୍ରତୀକ ବି ଅନେକ । ସେଥିମଧ୍ୟରେ କେତୋଟି ପ୍ରତୀକ ସମ୍ପର୍କରେ...**



**ଗୋଲାପ–** ଗୋଲାପ ଫୁଲକୁ ପ୍ରେମର ପତୀକ ବୋଲି କୁହାଯାଏ। ଗୋଲାପର ରଙ୍ଗକୁ ନେଇ କେହି କେହି କୁହନ୍ତି– ଧଳା ପବିତ୍ରତା, ହଳଦିଆ ବନ୍ଧୁତ୍ୱ ଏବଂ ଲାଲ ଗୋଲାପ ପ୍ରେମର ପ୍ରତୀକ। ପୁଣି ଗୋଲାପ ଫୁଲର କଢ଼ିକୁ ପ୍ରେମ ଆଉ ସରଳତାର ପ୍ରତୀକ ବୋଲି କେହି କେହି ବିବେଚନା କରିଥାନ୍ତି। ପ୍ରସ୍ଫୁଟିତ ଗୋଲାପ ବିକଶିତ ପ୍ରେମର ପ୍ରତୀକ। ଫୁଟନ୍ତା ଗୋଲାପ ସହ ଦୁଇଟି କଢ଼ି ରହିଥିଲେ ଏହା ପ୍ରେମର ଗୋପନୀୟତାର ପ୍ରତୀକ।

**ପାନ–** ପାନକୁ ସାଧାରଣତଃ ଖିଲିପାନ ଭାବେ ବ୍ୟବହାର କରାଯାଇଥାଏ। ଏହାର ଔଷଧୀୟ ଗୁଣ ରହିଛି। ପୁଣି ଶୁଭକାର୍ଯ୍ୟ ଓ କେତେକ ପୂଜାବିଧିରେ ପାନ ଲୋଡ଼ା ପଡ଼େ। ପାନ ସହିତ ଗୋଟାଗୁଆ ଦେବାରେ ବନ୍ଧୁତ୍ୱ ସ୍ଥାପନର ଦୃଢ଼ତା ରହିବାର ବିଶ୍ୱାସ କରାଯାଏ। ତେବେ ପାନ ପତରରେ ତୀର ମରାଯାଇଥିବା ଚିତ୍ରକୁ ପ୍ରେମର ପ୍ରତୀକ ବୋଲି କୁହାଯାଇଥାଏ। ଉତ୍ତର ଆମେରିକାରେ ଏମିତି ଏକ ଲୋକକଥା ରହିଛି – ଏଠାକାର ବାସିନ୍ଦାମାନେ ସୁନିଦ୍ରା ଓ ସୁଖଦାମ୍ପତ୍ୟ ଜୀବନପାଇଁ ପାନପତରକୁ ଶଯ୍ୟାର ଏକ ପାଖରେ ରଖିଥାନ୍ତି।



**ଫୁଲ ଓ ଭଅଁର–** ଅନେକ ପୁରାତନ କାବ୍ୟ କବିତାରେ ଫୁଲ ଓ ଭଅଁରକୁ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। କେବେ ଫୁଲ ଓ ଭଅଁର ଶାଶ୍ୱତ ପ୍ରେମର ଭାବକୁ ପରିପ୍ରକାଶ କରେ ତ ପୁଣି କେବେ ଈଶ୍ୱରୀୟ ଅବଦାନରେ ଯିଏ ଯାହା ପାଇଁ ରହିଛି ବୋଲି କୁହାଯାଇଥାଏ। ସେହିପରି ଫୁଲରେ ବସିଥିବା ପ୍ରଜାପତିକୁ ମଧ୍ୟ ପ୍ରେମର ପ୍ରତୀକଭାବେ ଗ୍ରହଣକରାଯାଇଥାଏ।

**ସେଓ–** ସେଓ ସାଧାରଣତଃ ରୋଗୀ ଓ ଭୋଗୀ ସମସ୍ତଙ୍କର ପ୍ରିୟ। ଅନ୍ୟପକ୍ଷେ ପ୍ରେମ ଓ ସେଓକୁ ନେଇ କେତେକ ରୋଚକ କାହାଣୀ ରହିଛି । ଗ୍ରୀକ୍ ପୌରାଣିକ କଥାବସ୍ତୁ ଅନୁଯାୟୀ ଆଫ୍ରୋଡାଇଟ, ଏଥେନା ଓ ହେରା ଏହି ତିନି ଦେବୀଙ୍କ ମଧ୍ୟରେ କିଏ ସବୁଠୁ ସୁନ୍ଦରୀ ଏହି କଥା ଜାଣିବା ପାଇଁ ମୋର୍ଟାଲ୍ ପେଲ୍ୟୁସ୍‌ର ରାଜକୁମାର ପାରିସ୍‌ଙ୍କୁ ଏହାର ସମାଧାନ ପାଇଁ ଡକାଗଲା। ତେବେ ଏହି ତିନିଦେବୀ ରାଜକୁମାରଙ୍କୁ ଭିନ୍ନଭିନ୍ନ ପ୍ରଲୋଭନ ଦେଖାଇଥିଲେ। ଆଫ୍ରୋଡାଇଟ ତାଙ୍କୁ ପ୍ରେମର ପ୍ରଲୋଭନ ଦେଖାଇଥିଲେ। ଆଉ ତାଙ୍କୁ ପୃଥିବୀର ସବୁଠାରୁ ସୁନ୍ଦରୀ ମହିଳା ହେଲେନ୍‌ଙ୍କୁ ପ୍ରଦାନ କରିଥିଲେ। ଯେକି ଗ୍ରୀକ୍ ରାଜା ମେନେଲୌସ୍‌ଙ୍କ ପତ୍ନୀ ଥିଲେ। ଏଥିରେ ଖୁସିହୋଇ ରାଜକୁମାର ତାଙ୍କ ହାତରେ ଏକ ସୁନାର ସେଓ ପ୍ରଦାନ କରିଥିଲେ। ଆଉ ଏକ କିମ୍ବଦନ୍ତୀ ଅନୁଯାୟୀ ଏଠାକାର ଦେବଦେବୀମାନେ ନିୟମିତ ଇଡେନ ଗାର୍ଡେନରୁ ସେଓ ସେବନ କରିଥାନ୍ତି। ପୁଣି ଜରାଜୀର୍ଣ୍ଣ ଅବସ୍ଥାକୁ ଦୂରେଇବା ତଥା ଚିରକାଳ ସୁନ୍ଦର ଆଉ ସୁସ୍ଥ ରହିବା ଲାଗି ସେଓକୁ ବ୍ୟବହାର କରିଥାନ୍ତି। ପୁଣି ଚାଇନାରେ ସେଓକୁ ଶାନ୍ତିର ପ୍ରତୀକ ବୋଲି କୁହାଯାଏ ।


**କପୋତ–** କପୋତକୁ ଶାନ୍ତିର ପ୍ରତୀକ ବୋଲି କୁହାଯାଉଥିବା ବେଳେ କେହି କେହି ପ୍ରେମର ପ୍ରତୀକ ରୂପେ ବିବେଚନା କରିଥାନ୍ତି। କପୋତମାନଙ୍କ ମଧ୍ୟରେ ମାଈ ଓ ଅଣ୍ଡିରା କପୋତ ସବୁବେଳେ ଯୋଡ଼ିହୋଇ ରହିବାକୁ ପସନ୍ଦ କରନ୍ତି। ଏମାନେ ପରସ୍ପରକୁ ଖୁବ୍ ଭଲପାଆନ୍ତି ଓ ବିଶ୍ୱସ୍ତ ହୋଇଥାନ୍ତି ।

**ହଂସ–** ହଂସମାନେ ସାଧାରଣତଃ ଯୋଡ଼ିହୋଇ ପହଁରନ୍ତି ଓ ଖାଦ୍ୟସଂଗ୍ରହ କରନ୍ତି। ପୁଣି ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ହଂସ ଯୋଡ଼ିହୋଇ ସବୁବେଳେ ପରସ୍ପର ମଧ୍ୟରେ ସମୟ ବିତାଇଥାନ୍ତି। ଏମାନଙ୍କୁ ବି ପ୍ରେମର ପ୍ରତୀକ ଭାବେ ଅନେକେ ଗ୍ରହଣ କରିଥାନ୍ତି।

**ହୃଦୟ–** ଲାଲରଙ୍ଗର ହୃଦୟର ଚିତ୍ରକୁ ପ୍ରେମର ସଙ୍କେତ ରୂପେ ବ୍ୟବହାର କରାଯାଏ। କୁହାଯାଏ ପ୍ରେମର ସ୍ଥାନ ହୃଦୟରେ। ଏଥିପାଇଁ ହୁଏତ ହୃଦୟକୁ ପ୍ରେମର ପ୍ରତୀକ ବୋଲି କୁହାଯାଇପାରେ।







# ରାଜ୍-ସାଧନା



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଜନି ଜନି ୟେସ୍ ପାପାର ନୂଆ ରୂପ

ଚାଟିଂ ଚାଟିଂ, ୟେସ୍ ପାପା
ଗର୍ଲଫ୍ରେଣ୍ଡ ସେଟିଂ, ନୋ ପାପା
ଟେଲିଂ ଲାଇସ୍?, ନୋ ପାପା
ଓପନ୍ ୟୋର୍ ହ୍ୱାଟ୍ସ ଆପ୍
ନା ନା ନା...

### ଭ୍ରମ

ଶିଷ୍ୟ ଗୁରୁଙ୍କୁ: ଏଭଳି ପତ୍ନୀଙ୍କୁ କ'ଣ କୁହାଯିବ ଯିଏକି ଗୋରୀ ହୋଇଥିବ, ଡେଙ୍ଗି ହୋଇଥିବ, ବୁଦ୍ଧିମତି ହୋଇଥିବ, ସୁନ୍ଦରୀ ହୋଇଥିବ, ସ୍ୱାମୀର ମନକୁ ବୁଝୁଥିବ ଓ କେବେ ଝଗଡା କରୁ ନ ଥିବ।
ଗୁରୁ: ତାକୁ ମନର ଭ୍ରମ କୁହାଯିବ। କେବଳ ମନର ଭ୍ରମ..।

### ନାମ

ରାଜୁ କମଳକୁ: ତୁମ ଆଖି କାହିଁକି କଳା ପଡି ସିଝିଗଲା ପରି ଦେଖାଯାଉଛି?
କମଳ: କାଲି ମୋ ସ୍ତ୍ରୀର ଜନ୍ମଦିନ ଥିଲା। ଆଉ ମୁଁ ତା' ପାଇଁ କେକ୍ ନେଇକି ଯାଇଥିଲି।
ରାଜୁ: ଏଇଟା ତ ଭଲ କଥା। ହେଲେ ଏହାସହ ଆଖି ସିଝି ଯିବାର କ'ଣ ସମ୍ପର୍କ ଅଛି?
କମଳ: ମୋ ସ୍ତ୍ରୀ ନାଁ ତପସ୍ୟା। ହେଲେ ବଦମାସ୍ କେକ୍‌ବାଲା ଲେଖି ଦେଇଥିଲା- 'ହାପି ବାର୍ଥ ଡେ ସମସ୍ୟା'।






# ଲଭର୍ସ ଡେଷ୍ଟିନେଶନ୍

**ଭାଲେଣ୍ଟାଇନ୍ସ ଡେ' ବା ପ୍ରେମଦିବସ ଅବସରରେ ନିଜ ସାଥୀଙ୍କ ସହ କୁଆଡେ ଟିକେ ବୁଲିଆସିବାକୁ ଅନେକଙ୍କର ଇଚ୍ଛା ଥାଏ; ଯେଉଁଠି ତାଙ୍କୁ ବାଧାଦେବାକୁ କେହି ନ ଥିବେ। ଆଉ ସେଠାରେ ସେମାନେ ମନଖୋଲି ଦୁଇପଦ କଥା ହେବା ସହ ସୁନେଲି ଭବିଷ୍ୟତକୁ ନେଇ ଅନେକ ରଙ୍ଗୀନ ସ୍ୱପ୍ନ ଦେଖିପାରିବେ। ତେଣୁ ଏଠାରେ ସେମିତି କିଛି ଲଭର୍ସ ଡେଷ୍ଟିନେଶନ୍ ସମ୍ପର୍କରେ ଉଲ୍ଲେଖ କରାଗଲା...**




**ଗୋଆ:** ଏହାକୁ କେହିକେହି ହନିମୁନ୍ ଡେଷ୍ଟିନେଶନ୍ ବୋଲି ବି କହିଥାନ୍ତି। କାରଣ ଦେଶବିଦେଶର ବିଭିନ୍ନ ପ୍ରାନ୍ତରୁ ନବଦମ୍ପତି ଏଠାକୁ ହନିମୁନ୍ ଟ୍ରିପ୍‌ରେ ଆସିଥାନ୍ତି। ଖାସ୍ କରି ଏଠାକାର ସୁନେଲି ବେଳାଭୂମିରେ ଦମ୍ପତିମାନେ ପରସ୍ପର ସହ ହାତ ଛନ୍ଦାଛନ୍ଦି ହୋଇ ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। କେବଳ ଦମ୍ପତି କାହିଁକି ପ୍ରେମିକା–ପ୍ରେମିକଙ୍କ ପାଇଁ ବି ଗୋଆ ହେଉଛି ଏକ ପ୍ରିୟତମ ସ୍ଥାନ।

**ଖଣ୍ଡାଲା:** ମହାରାଷ୍ଟ୍ରସ୍ଥିତ ଖଣ୍ଡାଲା ହେଉଛି ଏକ ଲୋକପ୍ରିୟ ଶୈଳନିବାସ। ଏଠାରେ ପର୍ଯ୍ୟଟକ ପାହାଡ଼, ପର୍ବତ, ଝରଣା ସହିତ ଅନେକ ମନଲାଖି ଭ୍ରମଣସ୍ଥଳୀ ବି ଦେଖିବାକୁ ପାଇପାରିବେ। ସେଥିପାଇଁ ପ୍ରତିବର୍ଷ ପ୍ରେମଦିବସ ଅବସରରେ ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ତନ୍ମଧ୍ୟରୁ ଅଧିକାଂଶ ଥାନ୍ତି ନବବିବାହିତା ଦମ୍ପତି ଓ ପ୍ରେମୀଯୁଗଳ। ତେଣୁ ଖଣ୍ଡାଲାକୁ ଅନେକେ ଲଭର୍ସ ଡେଷ୍ଟିନେଶନ୍ ବୋଲି ବି କହିଥାନ୍ତି।

**କେରଳ:** କେରଳ ନିଜର ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ସକାଶେ ସବୁବେଳେ ସମସ୍ତଙ୍କର ମନ ଜିଣି ଆସିଛି। ବିଶେଷକରି ଏଠାକାର ବ୍ୟାକ୍ ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଯିଏ ଅଙ୍ଗେ ନିଭେଇଛି ସିଏ ହିଁ କେବଳ ଜାଣିଛି ଏହାର ଉପଭୋଗକୁ। ତେଣୁ ପ୍ରେମଦିବସ ଅବସରରେ ପ୍ରେମୀଯୁଗଳ ଚାହିଁଲେ ଏଠାକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।


**ଉଟି:** ଏହା ହେଉଛି ତାମିଲନାଡୁସ୍ଥିତ ଏକ ଶୈଳନିବାସ। ଏହାକୁ କେହି କେହି ଶୈଳନିବାସର ରାଣୀ ବୋଲି ବି କହିଥାନ୍ତି। କାରଣ ଭାରତରେ ଯେତେସବୁ ଶୈଳନିବାସ ରହିଛି, ତନ୍ମଧ୍ୟରୁ ଉଟିର ସୌନ୍ଦର୍ଯ୍ୟ ବେଶ୍ ନିଆରା ଲାଗେ। ଏଠାରେ ଦେଖିବାକୁ ମିଳୁଥିବା ବଟାନିକାଲ୍ ଗାର୍ଡେନ, ରୋଜ୍ ଗାର୍ଡେନ, ଉଟି ହ୍ରଦ ତଥା ଦୋଦାବେଟ୍ଟା ଗିରିଶୃଙ୍ଗ ଇତ୍ୟାଦି କେବଳ ସାଧାରଣ ଲୋକଙ୍କୁ ନୁହେଁ ନବଦମ୍ପତି ତଥା ପ୍ରେମୀଯୁଗଳଙ୍କୁ ବି ଖୁବ୍ ପସନ୍ଦ ଆସିଥାଏ।





**ଜୈସଲମେର୍:** ପ୍ରେମଦିବସ ଅବସରରେ ଯଦି ନିଜ ସାଥୀ ସହ କୁଆଡ଼େ ବୁଲିଯିବା ପାଇଁ ପ୍ଲାନିଂ କରୁଥାନ୍ତି, ତା'ହେଲେ ଥରେ ରାଜସ୍ଥାନସ୍ଥିତ ଜୈସଲମେର୍ ଆଡ଼େ ବୁଲି ଆସନ୍ତୁ ନା ! କାରଣ ଏଠାରେ ବହୁ ଐତିହାସିକ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଏଠାକୁ ଆସୁଥିବା ପର୍ଯ୍ୟଟକ ଖାସ୍‌କରି ପ୍ରେମୀଯୁଗଳମାନେ ଜୈସଲମେର୍ ଦୁର୍ଗ ବୁଲି ଦେଖିବା ସହ ଓଟ ପିଠିରେ ବସିବାର ମଜା ମଧ୍ୟ ନେଇପାରିବେ।

**ନୈନିତାଲ୍:** ଉତ୍ତରାଖଣ୍ଡସ୍ଥିତ ନୈନିତାଲ୍ ବି ହେଉଛି ଏକ ଲୋକପ୍ରିୟ ଶୈଳନିବାସ। ଏଠାରେ ଘଞ୍ଚ ଜଙ୍ଗଲରେ ଘେରି ହୋଇ ରହିଥିବା ଖୁବ୍ ଉଚ୍ଚ ଉଚ୍ଚ ପାହାଡ଼ ସାଙ୍ଗକୁ ଝରଣା ଦେଖିବାକୁ ମିଳିଥାଏ। ଖାସ୍ ସେଇଥିପାଇଁ ଅନେକ ନବଦମ୍ପତି ଏଠାକୁ ହନିମୁନ୍ ଟ୍ରିପ୍‌ରେ ଆସିଥାନ୍ତି। କେବଳ ନବଦମ୍ପତି କାହିଁକି, ପ୍ରେମଦିବସକୁ ସ୍ମରଣୀୟ କରିବା ପାଇଁ ଏଠାକୁ ବହୁ ସଂଖ୍ୟାରେ ପ୍ରେମୀଯୁଗଳ ବି ଆସିଥାନ୍ତି।

କେବଳ ଏହିସବୁ ସ୍ଥାନ ନୁହେଁ, ଦାର୍ଜିଲିଂ, ଶିଲଂ, ମସୁରୀ ତଥା ତାଜମହଲ ଆଡ଼େ ବି ବୁଲିଯାଇ ପ୍ରେମୀଯୁଗଳମାନେ ପ୍ରେମଦିବସକୁ ଭରପୂର ଉପଭୋଗ କରିବା ସହ ଅନେକ କିଛି ଅଭୁଲା ସ୍ମୃତିକୁ ନିଜ ସାଥିରେ ସାଉଁଟି ଆଣିପାରିବେ।



# ଶରୀରରେ କୀଟପତଙ୍ଗର ଟାଟୁ

ଟାଟୁ କରାଇବା ଆଜିକାଲି ଫ୍ୟାଶନ ପାଲଟିଗଲାଣି। ଖାସ୍‌କରି ଯୁବପିଢ଼ିଙ୍କଠାରେ ଏହାର କ୍ରେଜ୍ ବେଶି ଦେଖିବାକୁ ମିଳୁଛି। ଏମିତିକି ଅସହନୀୟ କଷ୍ଟ ସତ୍ତ୍ୱେ ଫ୍ୟାଶନ ପାଇଁ ଶରୀରରେ ବଡ଼ ବଡ଼ ଟାଟୁ କରାଉଛନ୍ତି। କେତେକେ ତ ଏହାକୁ ନେଇ ରେକର୍ଡ ବି କରିଛନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ମାଇକେଲ ଅମୋଇଆ। ଆମେରିକାର ନ୍ୟୁୟର୍କରେ ରହୁଥିବା ମାଇକେଲ ନିଜ ଶରୀରରେ ୮୪୬ଟି ଟାଟୁ କରାଇଛନ୍ତି। ସେ ପୁଣି ଏମିତି ସେମିତି ଟାଟୁ ନୁହେଁ ବରଂ କୀଟପତଙ୍ଗ ଓ ପୋକର ଟାଟୁ। ତାଙ୍କ ଶରୀରକୁ ଦେଖିଲେ ଲାଗେ ସତେ ଯେମିତି ଅନେକ କୀଟପତଙ୍ଗ ତାଙ୍କ ଦେହସାରା ସାଲୁବାଲୁ ହୋଇ ଚାଲୁଛନ୍ତି। ଏତେ ସଂଖ୍ୟକ କୀଟପତଙ୍ଗର ଟାଟୁ କରି ସେ ଗିନିଜ ୱାର୍ଲଡ ରେକର୍ଡ୍ସରେ ବି ସ୍ଥାନ ପାଇଛନ୍ତି। ତେବେ ଏକ ରୋଚକ କଥା ହେଉଛି ଏତେ ସଂଖ୍ୟକ କୀଟପତଙ୍ଗର ଟାଟୁ କରାଇଥିବା ମାଇକେଲଙ୍କୁ କୀଟପତଙ୍ଗ ଆଦୌ ଭଲ ଲାଗନ୍ତି ନାହିଁ। ବରଂ ସେ ଏଗୁଡ଼ିକୁ ଘୃଣା କରନ୍ତି ଓ ଡରନ୍ତି ମଧ୍ୟ। ମାଇକେଲ ୨୧ ବର୍ଷ ବୟସରେ ଶରୀରରେ ଟାଟୁ କରାଇବା ଆରମ୍ଭ କରିଥିଲେ। ପ୍ରଥମେ ସେ ଏକ ଲାଲ୍ ପିମ୍ପୁଡ଼ିର ଟାଟୁ କରିଥିଲେ। ଏହି ଟାଟୁ ତାଙ୍କୁ ଏତେ ଭଲ ଲାଗିଥିଲା ଯେ ପରବର୍ତ୍ତୀ ସମୟରେ ସେ କୀଟପତଙ୍ଗର ଟାଟୁ କରିବାକୁ ଲାଗିଲେ। ଆଉ ଶରୀରରେ ବିଛା, କଙ୍କି, କଙ୍କଡ଼ା ବିଛା, ଅସରପା, ବୁଢ଼ିଆଣୀ ପରି ଟାଟୁ କଲେ। ସୂଚନାଯୋଗ୍ୟ, ମାଇକେଲଙ୍କ ପୂର୍ବରୁ ବେକ୍କଟର ମିସ୍ଲୋମ୍ ନାମକ ଜଣେ ବ୍ୟକ୍ତି ୪୦୨ଟି କୀଟପତଙ୍ଗର ଟାଟୁ କରି ଗିନିଜ୍ ୱାର୍ଲଡ ରେକର୍ଡ କରିଥିଲେ।







## କାର୍ଟୁନ କର୍ନର





**କଥା ଚାଟ୍**

# ଭାଲେଣ୍ଟାଇନସ୍ ଆପ୍

ଓଁ ଅଭିଜ୍ଞାନ ସାହୁ



ଦିନଟି ସେମିତି – ବଡ଼ ରୋମାଣ୍ଟିକ୍ । ସକାଳୁ ଚଇନି ଚିକ୍କଣ ହେଇ ଘରୁ ବାହାରିଲା ବେଳେ ଘରଣୀ ପଛରୁ ଡାକିଦେଲେ , 'ଶୁଣୁଛ ଘରେ ବ୍ରେଡ଼ ନାହିଁ । ପିଲା ଜଳଖିଆ କରିବେ । ଆସିଲାବେଳେ ନେଇକି ଆସିବ ।' ଶୁଭ କାମରେ ଘରୁ ବାହାରୁ ବାହାରୁ ପଛରୁ କୁହାଟମରା ଡାକରେ ଅନୁକୂଳକୁ ବେଙ୍ଗା କରିଦେବାର ଠିକା ମୋ ଘରମଣି ଯେମିତି ନେଇଛନ୍ତି ! ସବୁ ଶୁଭକାମରେ ବିଲେଇ ପାସ୍ କରିବା ତାଙ୍କ ଜନ୍ମସିଦ୍ଧ ଅଭ୍ୟାସ । ଆଜି ଭଳି ଦିନରେ କେତେ ସରାଗରେ ମଣିଷ ଘରୁ ବାହାରୁଛି କହିଲେ କଣ ନା ବ୍ରେଡ଼ ନେଇକି ଆସିବ । କାହାକୁ ନଶୁଭିଲା ପରି ଚିଡିମିଡ଼ି ହୋଇ ବଡ଼ ବଡ଼ ପାହୁଣ୍ଡ ପକେଇ ଛକ ଆଡ଼କୁ ମୁହାଁଇଲି ।

ଆଗ ଛକ ପାଖରେ ଛିଡା ହେଇ ଆଜିପାଇଁ ଯୋଜନା ତିଆରି କରୁଛି ଏତିକି ବେଳେ ଏକ ଅଜଣା ନମ୍ବରରୁ ଫୋନ ଆସିଲା । 'ହ୍ୟାଲୋ... ଆପଣ ଯାହାକୁ ଅପେକ୍ଷା କରିଛନ୍ତି ସେ ଆଉ ଆସିବନି । ସେ ବହୁତ ଖରାପ ଝିଅ । ତୁମେ ଫସିଯିବ । ତା' ସହ ସମ୍ପର୍କ ରଖନି, ବଡ଼ ହୀନସ୍ଥା ହେବ ।'

--- ସରି । କିଏ କହୁଛ ? ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

--- ମୁଁ ତା' ସାଂଗ । ଆପଣ ସରଳିଆ ଲୋକ । କିଛି ଜାଣିନାହାନ୍ତି । ତେଣୁ ମୁଁ ଭାବିଲି ଆପଣଙ୍କୁ ସବୁ କଥା ଜଣେଇଦେବା ଉଚିତ ।

--- ନା.. ନା..ସେ ବହୁତ ଭଲ । ମୁଁ ତାଙ୍କୁ ବହୁତ ଭଲ ପାଏ । କେମିତି ମାନିବି ସେ ଖରାପ ? ତାଙ୍କ ବିଷୟରେ ମୁଁ କାହିଁ ଯେ ଶୁଣିବି ଆଉ କାହା ଠାରୁ ? 'ଶେଷ ଆଡ଼କୁ ଗଳାକୁ ଚଡା କଲି ନିଜର ବିଶ୍ୱସ୍ତତା ଦେଖେଇବା ପାଇଁ ।'

-- ଆଚ୍ଛା ଏମିତି କଥା ତାହା ହେଲେ ! ସେପଟୁ ଗର୍ଜନ ଶୁଭିଲା । 'ମୁଁ ବେବିନା, ତୁମ ଘରମଣି । ଅନେକ ଦିନ ହେଲାଣି ତୁମ ରଂଗଢଙ୍ଗ ଉପରେ ମୋର ଘୋର ସନ୍ଦେହ ଥିଲା । ସେଇଥିପାଇଁ ନୂଆ ସିମ୍ ଆଣି ଭଏସ୍ ଚେଞ୍ଜର ଆପ୍ ଡାଉନଲୋଡ଼ କରିଥିଲି । ହଉ ଘରକୁ ଆସ ଦେଖିବ ମୁଁ ବି ତୁମକୁ କେତେ ଭଲ ପାଉଛି ।

-- ଆକାଶରୁ ତଳକୁ ଖସିପଡିବାର ହାଲତ ମୋର । ଫେବୃଆରୀ ଶୀତରେ ଦେହ ଏବଂ ମୁହଁ ଝାଳେଇ ଗଲା । 'ହ୍ୟାଲୋ ..ହ୍ୟାଲୋ ..ଟିକେ ଶୁଣ । ଆରେ ମୁଁ ମଜାରେ.... ହ୍ୟାଲୋ ହ୍ୟାଲୋ..।' ସେପଟୁ ଫୋନ କଟିଗଲା । ପାଟି ଖନି ମାରିଯାଉଥିଲା କଥା କହିଲାବେଳେ ।

କରିବି କଣ ? ଭୁଲ ତ ହେଇଯାଇଛି । ଆଜି ଘରକୁ ଗଲେ ମୋ ଅବସ୍ଥା କଣ ହେବ କେଜାଣି ! ଘରକୁ ନଯାଇ ମାର୍କେଟ ଉପରେ ବାୟା କୁକୁର ଭଳି ମୋ ଅବସ୍ଥା ସେତିକି ବେଳକୁ ।

କିଛି ସମୟ ପରେ ପୁଣି ଥରେ ଆଉ ଏକ ନମ୍ବରରୁ କଲ ଆସିଲା ।

-- ହ୍ୟାଲୋ କିଏ ରାଜନ ..

-- ହାଁ ରାଜନ କହୁଛି ..।

-- ତୁମେ କଣ ସତରେ ରୁବିନାକୁ ଭଲ ପାଉଛ ?

ଭାବିଲି ବେବିନା ବୋଧେ ପୁଣି ଆଉ ଗୋଟିଏ ନମ୍ବରରୁ ସ୍ୱର ବଦଳେଇ ଭକୁଆ ବନଉଛି ।

-- ରୁବିନା କିଏ ମୁଁ ଜାଣିନି ..।

-- ସତରେ ଜାଣିନ ?

-- ନା । ଆଉ ତୁମେ କିଏ ମୋତେ କାହିଁକି ଫୋନ କରୁଛ ? ଏ କି ଫାଜିଲାମୀ ?

-- ତୁମେ ଅବିକା ସେଇ ଦାଣ୍ଡ ସାହି ଛକ ପାଖ ମୋଡ଼ରେ ଛିଡା ହୋଇଛ ନା ? ଯଦି ରୁବିନାକୁ ଭଲ ପାଉନ ତେବେ ତାକୁ ସେଠି କାହିଁକି ଅପେକ୍ଷା କରିଛ ?

-- ନା ବର୍ତ୍ତମାନ ମୁଁ ବ୍ରେଡ଼ କିଣୁଛି । ଆଉ ଶୁଣ ...। ମୁଁ ମୋ' ସ୍ତ୍ରୀକୁ ଜୀବନରୁ ଅଧିକା ଭଲ ପାଏ । ମୋତେ ଏମିତି ଆଉ ଫୋନ କରି ବିରକ୍ତ କରନି କି ମୋ ଘର ଭାଙ୍ଗନି ।

ସେପଟୁ କାନ୍ଦ କାନ୍ଦ ସ୍ୱରରେ ସେ କହିଲା ଏବେ ମୁଁ ଜାଣିଲି ତୁମେ ମୋ' ସହ ଖାଲି ଟାଇମ୍‌ପାସ୍ କରୁଥିଲ । ତୁମକୁ ଏଇ ଜନ୍ମ କଣ ଆଗତ ସାତ ଜନ୍ମ ଯାଏଁ ପ୍ରେମ ନମିଳୁ । ମୁଁ ରୁବିନା କହୁଥିଲି । ମୋର ସନ୍ଦେହ ସତ ଥିଲା । ତୁମ ଭିତରେ ମୋ' ପାଇଁ ସେ ପ୍ରେମଫ୍ରେମ ପଇସାକର ନଥିଲା । ସେଥିପାଇଁ ଭଏସ୍ ଚେଞ୍ଜର ଆପ୍ ଡାଉନଲୋଡ଼ କରି ତୁମକୁ ପରୀକ୍ଷା କରୁଥିଲି ।

ମୋ' ଅକଲ ଗୁଡୁମ । କଣ ହେଉଛି ଆଜି ଭଳି ଦିନରେ ମୋ' ସହ ? ଦୁଇ ନାଆରେ ଗୋଡ଼ ଥୋଇଛି ମୁଁ ।

-- ହ୍ୟାଲୋ ହ୍ୟାଲୋ ରୁବିନା । ସତରେ ମୋତେ ବିଶ୍ୱାସ କର । ମୁଁ କେବଳ ତୁମକୁ ଭଲ ପାଏ ସୁଇଟ ହାର୍ଟ । କଥା କଣ କି କିଛି ସମୟ ଆଗରୁ ମୋର ସେଇ ମୋଟୀ ଗେଡି ସନ୍ଦେହୀ ସ୍ତ୍ରୀ ଏଇ ଭଏସ୍ ଚେଞ୍ଜର ଆପ୍ ବ୍ୟବହାର କରି ମୋତେ ଫୋନ କରିଥିଲା । ଭାବିଲି ବୋଧେ ସେ ପୁଣି ଥରେ ଫୋନ କଲା । ବିଶ୍ୱାସ କର । ମା' ରାଣ ମୁଁ କେବଳ ତୁମକୁ ଭଲ ପାଏ , ଇନ୍ ଟ୍ରୁ ସେନ୍ସ ମୁଁ ତୁମକୁ ପ୍ରେମ କରେ । ଆଜି ଭାଲେଣ୍ଟାଇନସ୍ ଡେ ଡିଅର । ଟ୍ରଷ୍ଟ ମି ।

--- ଆଚ୍ଛା ତାହାହେଲେ କଥା ଏତେବାଟ ଯାଇ ପହଂଚିଲାଣି । ଶୁଣ ମୁଁ ରୁବିନା ନୁହେଁ ବେବିନା କହୁଛି ତୁମର ସେଇ ମୋଟୀ, ଗେଡି ସନ୍ଦେହୀ ସ୍ତ୍ରୀ । ପ୍ରଥମେ ଜମାରୁ ବିଶ୍ୱାସ ହେଉନଥିଲା । ଭାବିଲି ଏତେବର୍ଷ ଧରି ଲୋକଟା ସାଙ୍ଗରେ ରହିଲି , ଏମିତି ଟିକେ ଟିକେ କଥାରେ ଅବିଶ୍ୱାସ କେମିତି କରିବି ! ତେଣୁ ଆଉ ଥରେ ଫୋନ କଲି ସତ ଜାଣିବାକୁ । ଏବେ ଘରକୁ ଆସ ନା ମୁଁ ନିଜେ ଯାଇ ସେଇ ଛକ ପାଖରେ ଭାଲେଣ୍ଟାଇନ୍ ଡେ ପାଳିବି ??

ନୀତିବାଣୀ: ନେଇ ଆଣି ଥୋଇ ଜାଣିଲେ ଚୋରୀ ବିଦ୍ୟା ଭଲ । ତେଣୁ ଟିକେ ସତର୍କ ରହିଲେ ହାପି ଭଲେଣ୍ଟାଇନ ନଚେତ୍ ଖୋଦ ଭଗବାନ ବି ପିଠିରେ ପଡିବେନି ।


*–ବନମାଳୀ ଭବନ, ଖାନ ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଗବେଷକୀୟ ଦୃଷ୍ଟିରେ ସାମ୍ପ୍ରତିକ ଓଡ଼ିଆ ଶିଶୁସାହିତ୍ୟ

**ସମ୍ପାଦକ –ପ୍ରଶାନ୍ତ କୁମାର ସ୍ୱାଇଁ**
**ପ୍ରକାଶକ–ଶକ୍ତି ପବ୍ଲିଶର୍ସ, କଟକ, ମୂଲ୍ୟ– ୧୧୫ ଟଙ୍କା**


ଗବେଷକୀୟ ଦୃଷ୍ଟିରେ ସାମ୍ପ୍ରତିକ ଓଡ଼ିଆ ଶିଶୁ ସାହିତ୍ୟ ପୁସ୍ତକ ସମ୍ପାଦନା କରିଛନ୍ତି ପ୍ରଶାନ୍ତ କୁମାର ସ୍ୱାଇଁ । ଏଥିରେ ସମ୍ପାଦକଙ୍କୁ ମିଶାଇ ୧୦ଜଣ ସାହିତ୍ୟିକଙ୍କ ଲେଖା ସ୍ଥାନିତ ହୋଇଛି । ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ମହାନ୍ତି, ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂହ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ମହେଶ୍ୱର ମହାନ୍ତି ପ୍ରମୁଖଙ୍କ ଲେଖା ରହିଛି । ଆଲୋଚନାଗୁଡ଼ିକ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ କରାଯାଇ ଥିବାରୁ ତାହା ଅତ୍ୟନ୍ତ ଉଚ୍ଚକୋଟୀର । ଆମ ଶିଶୁ ସାହିତ୍ୟର ତୀରନ୍ଦାଜୀମାନେ କଳ୍ପନା ଭିତରେ ଅଯୋଧ୍ୟାର ସ୍ୱପ୍ନ ଦେଖି ଅତ୍ୟନ୍ତ ଉଚ୍ଚକୋଟୀର ଶିଶୁ ଲେଖା ରଚନା କରୁଛନ୍ତି । ଯାହା ଓଡ଼ିଆ ସାହିତ୍ୟର ରତ୍ନଭାବେ ପରିଚିତ । ପୁସ୍ତକରେ ଆଲୋଚ୍ୟ ବିଷୟଗୁଡ଼ିକ ହୃଦୟସ୍ପର୍ଶୀ ଓ ଗବେଷଣାଧର୍ମୀ । ଆଶା ପୁସ୍ତକଟି ଶିଶୁ ସାହିତ୍ୟ ଭଣ୍ଡାରକୁ ରୁଦ୍ଧିମନ୍ତ କରିବ ।




### ମନ ସବୁଜ ନଈ

**ଲେଖକ–ଡକ୍ଟର ଅଶୋକ କୁମାର ଷଡ଼ଙ୍ଗୀ**
**ପ୍ରକାଶକ–ଲୋହରାଖଣ୍ଡି ସାହିତ୍ୟ ସଂସଦ, ଭଞ୍ଜନଗର**
**ମୂଲ୍ୟ–୮୦ଟଙ୍କା**

ମନ ସବୁଜ ନଈ ପୁସ୍ତକର ଲେଖକ ଡକ୍ଟର ଅଶୋକ କୁମାର ଷଡ଼ଙ୍ଗୀ । ଏଥିରେ ୫୩ଟି କବିତା ସ୍ଥାନ ପାଇଛି । କବିତାଗୁଡ଼ିକ ଉଚ୍ଚକୋଟୀର । ଏଥିରେ 'ସୁନାମି' କବିତାକୁ ଉଦାହରଣ ଭାବେ ନିଆଯାଇ ପାରେ । ଗୋଟିଏ ସୁନାମି ଉଜାଡି ଦେଲା କେତେ ନଗ୍ର, ଜନପଦ/ଲଙ୍କା ଗଡ଼େ ଜଳରୂପୀ ହନୁମାନ/ଖେଦିଗଲା ଅଶୋକ ବଣକୁ/ବାଲିଦ୍ୱୀପ ମରୁମୟ ହେଲା । ଏଭଳି ଅନେକ କବିତା ରହିଛି । ଫୁଲର ପାଖୁଡ଼ା ପରି ଅନ୍ତହୀନ ଭାବ ଓ ଭାବନା, ଚିନ୍ତା ଓ ଚେତନା ଅଜାଡି ହୋଇ ପଡିଛି ପ୍ରତିଟି କବିତାରେ । ଭଲ ପାଇବାର ସରୋବରରେ ପ୍ରେମର ନିଶିପଦ୍ମ ତାଙ୍କର ପ୍ରତି କବିତାରେ ପାଖୁଡା ମେଲାଇ ବସିଛି । ପ୍ରତିଟି କବିତାକୁ ଧ୍ୱନିମୟ କରି ତୋଳି ପାରିଛନ୍ତି କବି । ଅବିରରେ ପାଠକଙ୍କ ହୃଦୟକୁ ରଙ୍ଗାୟିତ କରିବାକୁ ଚେଷ୍ଟା କରିଛନ୍ତି । ଆଶା ପୁସ୍ତକଟି ପାଠକୀୟତା ଲାଭ କରିବ ।




### ହୃଦୟଲୋକ

**ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅଭିନନ୍ଦନ ଗ୍ରନ୍ଥ**
**ସମ୍ପାଦକ–ଶରତ କୁମାର ଜେନା**
**ପ୍ରକାଶକ–ଏଥେନା ବୁକ୍‌ସ, ଭୁବନେଶ୍ୱର**
**ମୂଲ୍ୟ–୫୦୦ଟଙ୍କା**

ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଷଷ୍ଠୀ ପୂର୍ତ୍ତି ଅବସରରେ ତାଙ୍କ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଉଦ୍ୟମରେ 'ହୃଦୟଲୋକ' ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ ପାଇଛି । ଏଥିରେ ୧୧୧ଟି ଲେଖା ସ୍ଥାନିତ ହୋଇଛି । ଯାହା ତାଙ୍କୁ ଅଭିନନ୍ଦନ ଓ କୃତି କୀର୍ତ୍ତିର ମୂଲ୍ୟାୟନ । ଜଣେ ଅଧ୍ୟାପକ ଭାବେ ପ୍ରଫେସର ପଟ୍ଟନାୟକ ଓଡ଼ିଆ ବିଭାଗ ନୁହେଁ, ସମଗ୍ର ବିଶ୍ୱବିଦ୍ୟାଳୟ ପାଇଁ ଥିଲେ ଆଧୁନିକତାର ବାର୍ତ୍ତାବହ । ବିଚାରଦୃଷ୍ଟି, ବୋଧଜ୍ଞାନ, ଶିକ୍ଷାଦାନ ଶୈଳୀ ଓ ବ୍ୟକ୍ତିତ୍ୱରେ ସେ ଥିଲେ ସମସ୍ତଙ୍କଠାରୁ ନିଆରା ଓ ସ୍ୱତନ୍ତ୍ର । ପ୍ରଫେସର ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଯେଭଳି ମହନୀୟ, କୃତିତ୍ୱ ବି ସେଭଳି ପ୍ରଶାନ୍ତୀୟ । ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କ ପ୍ରତିବଦ୍ଧତା ଅତୁଳନୀୟ । ସେହି ଦୃଢ଼ମନା, ସଂକଳ୍ପବଦ୍ଧ, ନିଷ୍ଠାପର, ନିଃସ୍ୱାର୍ଥପର ଓ ସମ୍ବେଦନଶୀଳ ହୃଦୟବାନ୍ ମଣିଷଙ୍କ ବ୍ୟକ୍ତିତ୍ୱର ବହୁବିଧ ଦିଗ ସହ କୃତିତ୍ୱର ବିଶ୍ଳେଷଣ ରହିଛି ଏହି ଗ୍ରନ୍ଥରେ । ପୁସ୍ତକଟି ଦେବୀ ଅନୁରାଗୀ ଛାତ୍ରୀଛାତ୍ର ଓ ଗୁଣଗ୍ରାହୀଙ୍କ ଲାଗି ରଙ୍କରତ୍ନ ସାବ୍ୟସ୍ତ ହେବ ।




# ଫିଙ୍ଗର ପ୍ରିଣ୍ଟ ଦ୍ୱୀପ

ପୃଥିବୀରେ ଏମିତି କିଛି ଦ୍ୱୀପ ଅଛି ଯାହା କେବଳ ତା'ର ସୁନ୍ଦରତା ପାଇଁ ନୁହେଁ ବରଂ କିଛି ବିସ୍ମୟକର କାରଣ ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ସେମିତି ଏକ ଦ୍ୱୀପ କ୍ରୋଏସିଆରେ ବି ଅଛି। ଏହି ଦ୍ୱୀପର ବିଶେଷତ୍ୱ ହେଉଛି, ଏହାକୁ ଆକାଶମାର୍ଗରୁ ଦେଖିଲେ ଲାଗେ ସତେ ଯେମିତି ଏହା କାହାର




ଫିଙ୍ଗର ପ୍ରିଣ୍ଟ। ଆଡ୍ରିଆଟିକ୍ ସି'ରେ ଥିବା ଏହି ଦ୍ୱୀପ 'ବେକ୍ଲଜେନିକ ଦ୍ୱୀପ' ନାମରେ ବି ପରିଚିତ। ୦.୧୪ ବର୍ଗ କି.ମି. ପରିମିତ ଅଞ୍ଚଳରେ ବ୍ୟାପ୍ତ ଏହି ଦ୍ୱୀପ ସମ୍ପର୍କରେ କୁହାଯାଏ, ଏହାକୁ ପ୍ରଥମେ ଚାଷବାସ ପାଇଁ ବ୍ୟବହାର କରାଯାଉଥିଲା। ପୂରା ଦ୍ୱୀପରେ ବିଭିନ୍ନ ପ୍ୟାଟର୍ନରେ ପଥରର କାନ୍ଥ ଲମ୍ବି ରହିଛି। ଏହି କାନ୍ଥଗୁଡ଼ିକ ହିଁ ଉପରୁ ଫିଙ୍ଗର ପ୍ରିଣ୍ଟର ରେଖା ପରି ଦେଖାଯାଏ। କୁହାଯାଏ ଉକ୍ତ ଦ୍ୱୀପରେ ଥିବା ଏହି କାନ୍ଥଗୁଡ଼ିକୁ ମିଶାଇଦେଲେ ତାହା ୨୩ କି.ମି. ଲମ୍ବା ହେବ। ଆଉ ଏହି କାନ୍ଥକୁ ୧୮୦୦ ଖ୍ରୀଷ୍ଟାବ୍ଦରେ ତିଆରି କରାଯାଇଛି। ଡ୍ରାଇ ଷ୍ଟୋନ ୱାଲିଂ ପଦ୍ଧତିରେ ତିଆରି ଏହି କାନ୍ଥକୁ ବହୁ ସାବଧାନତାର ସହ ପରସ୍ପର ସହ ଲକ୍ କରାଯାଇଛି। ଏହି ଦ୍ୱୀପକୁ ୨୦୧୮ରେ ସଂରକ୍ଷିତ କରାଗଲା। ଏହା ୟୁନେସ୍କୋ ହେରିଟେଜ୍ ଅନ୍ତର୍ଭୁକ୍ତ ମଧ୍ୟ। ଏଠାକୁ ଏବେ ଅନେକ ପର୍ଯ୍ୟଟକ ଆସୁଛନ୍ତି।



ବ୍ୟାକ୍ ପେଜ୍







# ଚା' ପିଅ, କପ୍ ଖାଅ

ଭାରତରେ ଚା'ର ଆଦର କେତେ ତାହା ସମସ୍ତେ ଜାଣନ୍ତି। ଗାଁଠୁ ସହର ଯାଏଁ ପ୍ରତି ଗଳି, ପ୍ରତି ଛକ, ବଜାର, ରେଳଷ୍ଟେଶନ, ବସ୍‌ଷ୍ଟପ୍ ସବୁଠି ଦେଖିବାକୁ ମିଳେ ଚା' ଷ୍ଟଲ୍। ଆଉ ଯେଉଁଠି ଚା' ଷ୍ଟଲ୍ ଥାଏ ସେଠି ପ୍ଲାଷ୍ଟିକ୍ ଚା' କପ୍ ଅବା କୁଲ୍‌ହଡ୍ ଏଣେତେଣେ ପଡ଼ି ଆବର୍ଜନା ସୃଷ୍ଟି କରେ। ଏହାକୁ ନଜରରେ ରଖି ମଧ୍ୟପ୍ରଦେଶ, ସହଡୋଲର ଦୁଇ ଯୁବ ବ୍ୟବସାୟୀ ରିଙ୍କୁ ଅରୋରା ଓ ପୀୟୂଷ କୁଶୱାହା ଆପଣେଇଛନ୍ତି ଏକ ଅଭିନବ ଉପାୟ। ଏମାନେ ନିଜ ଷ୍ଟଲ୍‌ରେ ଗ୍ରାହକଙ୍କୁ ଦେଉଛନ୍ତି ଏକ ଖାସ୍ ସେବା। ସେ ହେଉଛି ଏଠାରେ ଗ୍ରାହକ ଚା' ପିଇବା ପରେ କପ୍‌କୁ ବି ଖାଇପାରିବେ। ତେଣୁ ଦୋକାନ ଆଗରେ ବଡ଼ ବଡ଼ କରି ସ୍ଲୋଗାନ ଲେଖିଛନ୍ତି 'ଚା ପିଅ, କପ୍ ଖାଅ'। ଏଭଳି ଅଭିନବ କନ୍‌ସେପ୍ଟ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି। ତେଣୁ ତାଙ୍କ ଟି' ଷ୍ଟଲ୍ 'ଅଲ୍‌ହଡ୍ କୁଲ୍‌ହଡ୍'କୁ ଖୋଜି ଖୋଜି ଲୋକେ ପହଞ୍ଚିଯାଉଛନ୍ତି। ତେବେ ଭାବୁଥିବେ ଚା' କପ୍‌କୁ ବା କେମିତି ଖାଇହେବ। ଏହି ଦୁଇ ଯୁବ ବ୍ୟବସାୟୀ ଯେଉଁ କପ୍ ବ୍ୟବହାର କରୁଛନ୍ତି ତାକୁ ନିଶ୍ଚୟ ଖାଇହେବ। କାରଣ ଏହି କପ୍ ବିସ୍କୁଟ ୱେଫରରେ ତିଆରି। ଏଥିରେ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଗରମ ଚା' ରହିପାରେ। ଚା' ପିଇବା ପରେ ଲୋକେ ଏହି କପ୍‌କୁ ବେଶ୍ ଆରାମରେ ଖାଇପାରିବେ। ଏହି ସ୍ୱତନ୍ତ୍ର ଚା'ର ମୂଲ୍ୟ ୨୦ ଟଙ୍କା ରଖାଯାଇଛି। ତେବେ ଖାଲି ମଧ୍ୟପ୍ରଦେଶ ନୁହେଁ, ମଦୁରାଇ ଓ ପାଟଣାରେ ବି ଏଭଳି କପ୍ ବ୍ୟବହାର ହେଉଥିବା ଟି' ଷ୍ଟଲ୍ ଦେଖିବାକୁ ମିଳିଛି। ଏହାର ଆଦର ବି ବଢ଼ିବାରେ ଲାଗିଛି।

# ସବୁଠୁ ବଡ଼ ହାର୍ଟଶେପ୍ ହୀରା



ହୀରାର ଚମକ କାହାକୁ ବା ପସନ୍ଦ ନୁହେଁ। ଆଉ ଏହାକୁ କିଏ ବା ପାଇବାକୁ ନ ଚାହେଁ। ତେବେ ଆମେ ଏଠାରେ ଯେଉଁ ହୀରା କଥା କହୁଛୁ ତାକୁ ପାଇବା ପାଇଁ ସବୁ ପ୍ରେମିକ ଚାହିଁବେ। ଆଉ ଉପହାର ସ୍ୱରୂପ ନିଜ ପ୍ରେମିକାକୁ ଦେବାକୁ ମନ ବଳାଇବେ। କାରଣ ଏହି ହୀରାର ଆକାର ହୃଦୟ ଭଳି, ଅର୍ଥାତ୍ ହାର୍ଟଶେପ୍‌ର। ଆଉ ଏହାକୁ ପୃଥିବୀର ସବୁଠାରୁ ବଡ଼ ଡି ଫ୍ଲ'ଲେସ୍ ହାର୍ଟଶେପ୍‌ଡ ହୀରା ଭାବେ ଗଣନା କରାଯାଏ। ଉକ୍ତ ହୀରା ଲଣ୍ଡନର ଗ୍ରାଫ ମଲ୍ଟିନ୍ୟାଶନାଲ ଗହଣା ନିର୍ମାଣକାରୀ କମ୍ପାନୀର ଅଟେ। ଏହା ୧୧୮. ୭୮ କ୍ୟାରେଟ୍‌ର । ୨୦୧୫, ଦକ୍ଷିଣ ଆଫ୍ରିକାର ଲିସେଥୋ ଅନ୍ତର୍ଗତ ଲେଟ୍‌ସେଙ୍ଗ ଖଣିରୁ ଏହା ମିଳିଥିଲା। ସେତେବେଳେ ଏହା ୩୫୭ କ୍ୟାରେଟ୍‌ର ରଫ୍ ଡାଇମଣ୍ଡ ଥିଲା। ଏହି ହୀରା ପଥରଟି ଏତେ ବଡ଼ ଥିଲା ଯେ, ଗ୍ରାଫ୍ ଗହଣା ନିର୍ମାତାଙ୍କୁ ଏହାକୁ କାଟିବା ଲାଗି ସ୍ୱତନ୍ତ୍ର ଟୁଲ୍ ନିର୍ମାଣ କରିବାକୁ ପଡ଼ିଲା। ୧୮ ମାସ ଲାଗିଯାଇଥିଲା ଏହାକୁ ଆନାଲାଇଜ୍, ମ୍ୟାପିଂ, କଟିଂ ଓ ପଲିଶିଂ କରିବା ପାଇଁ।

